**୨୫ ଭରି ସୁନା,୧୦ ଲକ୍ଷ ଟଙ୍କା ଚୋରି**

ଗୁଣୁପୁର,(ପ୍ରଦୀପ କୁମାର ପାଢ଼ୀ) - ଗୁଣୁପୁର ସହର ଜଗନ୍ନାଥ ନଗର ଅଞ୍ଚଳର ଶିବ ପଣ୍ଡାଙ୍କ ଘରୁ ଶୁକ୍ରବାର ବଡ଼ ଧରଣର ଚୋରି ହୋଇଛି। ତାଙ୍କ ଘରୁ ୨୫ ଭରି ସୁନା,୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସହ ଅନ୍ୟାନ୍ୟ ଆସବାବପତ୍ର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗୁରୁବାର ପରିବାର ଲୋକେ ଘରେ ତାଲା ପକେଇ ପୁରୀ ଯାଇଥିଲେ। ଶୁକ୍ରବାର ସେମାନେ ଘରକୁ ଫେରି ଦେଖିବା ବେଳକୁ ଦୁର୍ବୃତ୍ତ ଘରେ ପଶି କଳାକନା ବୁଲାଇ ଦେଇଛି।

## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଜଣେ ଗୁରୁତର

ଟିକିରି,୧୧।୮ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ଟିକିରି ଥାନା ଅନ୍ତର୍ଗତ ଜାମୁଗୁଡା ନିକଟସ୍ଥ ନଟରାଜ ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା ଗାଡି ଧକ୍କାରେ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କୋରାପୁଟ ଶହୀଦ ଲକ୍ଷଣ ନାୟକ ମେଡିକାଲ କଲେଜକୁ ପଠାଇ ଦିଆଯାଇଛି। ପିତାଯୋଡି ଗ୍ରାମର ଭରତ ମାଝି ସେମିଳିଗୁଡା ଗ୍ରାମରେ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେଇ ନିଜ ଗାଁକୁ ଫେରୁଥିବା ସମୟରେ ଏକ ଗାଡି ଧକ୍କା ଦେଇଥିଲା। ଫଳରେ ସେ ଗୁରୁତର ଅବସ୍ଥାରେ ରାସ୍ତା ଉପରେ ପଡିଥିଲେ । ସେହି ସମୟରେ ଟିକିରି ଆଇଆଇସି ବିଶ୍ୱବନ୍ଦିନୀ ବାଗ ଓ ଏସ୍ଆଇ ମନୋଜ ଜେନା ଫେରୁଥିବା ସମୟରେ ଭରତଙ୍କୁ ଉଦ୍ଧାରକରି ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଆଇଆଇସିଙ୍କ ଏପରି ମହାନତା କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

### କାଶୀପୁରରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ଟିକିରି,୧୧।୮ (ପ୍ରଫୁଲ୍ଲ କୁମାର ବେହେରା)



କାଶୀପୁର ଥାନାରେ ନୂତନ ଥାନା ଅଧିକାରୀ ଭାବେ ସୂର୍ଯ୍ୟପ୍ରକାଶ ନାଏକ ଯୋଗଦାନ କରିଛନ୍ତି। କାଶୀପୁରରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଠିକ୍ ଭାବେ ପରିଚାଳନା କରିବା ସହ ଲୋକଙ୍କ ସମସ୍ୟା ପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏଥିପୂର୍ବରୁ ସେ ମାଲକାନଗିରି ଜିଲାର କାଲିମେଳା, ମାଥିଲି, ଚିତ୍ରକୁଣ୍ଡା, କୋରାପୁଟ ଜିଲାର କୁନ୍ଦ୍ରା, କାକରିଗୁମା, ସୁନାବେଡ଼ା ଥାନାରେ ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସେହିପରି କାଶୀପୁର ବ୍ଲକର ଟିକିରି ଥାନାରେ ଥାନା ଅଧିକାରୀ ଭାବେ ବିଶ୍ୱବନ୍ଦିନୀ ବାଗ, ଦୋରାଗୁଡା ଥାନା ଅଧିକାରୀ ଭାବେ କିରଣବାଳା ସାମଲ ଏବଂ ଅଣ୍ଡିରାକଞ୍ଚ ଥାନା ଅଧିକାରୀ ଭାବେ ଅଶ୍ୱିନୀ କୁମାର ପଟ୍ଟନାୟକଙ୍କୁ ଅବସ୍ଥାପିତ କରାଯାଇଛି।

### କୋଲନରାରେ ନୂତନ ବିଇଓ



କୋଲନରା, ୧୧।୮ (ମାନସ ରଞ୍ଜନ ମିଶ୍ର )

କୋଲନରା ବ୍ଲକର ନୂତନ ବିଇଓ ଭାବେ ଶୁକ୍ରବାର ମଞ୍ଜୁଲତା ଜେନା ଯୋଗ ଦେଇଛନ୍ତି। ବିଇଓ ଜେନା ଏହା ପୂର୍ବରୁ କୋରାପୁଟ ଜିଲା ସିମିଳିଗୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ। ଏବେ ପଦୋନ୍ନତି ପାଇ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ କୋଲନରା ବ୍ଲକରେ ଯୋଗ ଦେଇଛନ୍ତି। ଏହି ସମୟରେ କାର୍ଯ୍ୟାଳୟରେ ବିଆର୍ସିସି ତଥା ଭାରପ୍ରାପ୍ତ ବିଇଓ ଡାଳିମ୍ବ ସୂର୍ଯ୍ୟ, ଏବିଇଓ ପିତୃଦେବ ବିଡ଼ିକା, ବରିଷ୍ଠ କିରାଣି ଅନୀଲ କୁମାର ପାତ୍ର, ବିଜୟ କୁମାର ପଟ୍ଟନାୟକ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ନୂତନ ବିଇଓଙ୍କୁ ସ୍ୱାଗତ କରିଥିଲେ।

# କେନ୍ଦ୍ରମନ୍ତ୍ରୀ-ବିଧାୟକ ମକରନ୍ଦଙ୍କ ସାକ୍ଷାତକୁ ନେଇ ଚର୍ଚ୍ଚା

ରାୟଗଡ଼ା,୧୧।୮ (ଆଶିଷ ରଞ୍ଜନ ପଣ୍ଡା)



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଆଲୋଚନା କରୁଛନ୍ତି ବିଧାୟକ ମକରନ୍ଦ ମୁଦୁଲି।

ସ୍ୱାଧୀନ ଭାବେ ପ୍ରଥମ ଥର ପାଇଁ ୨୦୧୯ ସାଧାରଣ ନିର୍ବାଚନରେ ବିଧାୟକ ହେବା ପରେ ବହୁତ ଚର୍ଚ୍ଚାରେ ଥିଲେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି । ଏବେ ସେ ଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିବା ପରେ ଜିଲାରେ ରାଜନୈତିକ ମହଲରେ ଆଲୋଡ଼ନ ସୃଷ୍ଟି ହୋଇଛି। ମକରନ୍ଦ ଝୋଡ଼ିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦାବିରେ ଯାଇଥିଲେ, ନା ଆଗାମୀ ନିର୍ବାଚନରେ ଭାଜପାରେ ଯୋଗଦେଇ ଭାଜପାରୁ ପ୍ରାର୍ଥୀ ହେବା ନେଇ ଆଲୋଚନା କରିବାକୁ ଯାଇଥିଲେ, ସେ ନେଇ ଆଲୋଚନା ଜୋର ଧରିଛି। ତେବେ ପୂର୍ବରୁ ବିଜେଡିର ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେଉଥିବା ସ୍ୱାଧୀନ ବିଧାୟକ ମକରନ୍ଦ ଅଚାନକ ଭାଜପାର ଶୀର୍ଷ ନେତୃତ୍ୱଙ୍କୁ ଭେଟିବା ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ବିଧାୟକ ମକରନ୍ଦଙ୍କୁ ପଚାରିବାରୁ ସେ କହିଛନ୍ତି, ଅଞ୍ଚଳବାସୀଙ୍କ ଦାବି ଓ ଅଞ୍ଚଳର ବିକାଶ ନେଇ ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିଥିଲେ । ତେବେ ଆଗାମୀ ନିର୍ବାଚନରେ ପୁଣି ଥରେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ ନା ଅନ୍ୟ କୌଣସି ଦଳରୁ ପ୍ରାର୍ଥୀ ହେବେ ବୋଲି ପଚାରିବାରୁ ତାହା ସମୟ କହିବ ବୋଲି କହିଛନ୍ତି। ରାଜନୀତିରେ କେତେବେଳେ କ'ଣ ହେଉଛି ତାହା ଆଗରୁ କିଛି କହିହେବ ନାହିଁ ବୋଲି କହିଥିଲେ । ହେଲେ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟିବା ସମୟରେ ଓଡ଼ିଶାର ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ସାଥିରେ ରହିଥିବା ଏକ ବଡ଼ ପରିବର୍ତ୍ତନ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି । ବିଜେଡି ସହ ଦୀର୍ଘ ସମୟ ରହିବା ପରେ ଶାସକ ଦଳରୁ ମକରନ୍ଦ ରାୟଗଡ଼ା ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ହେବା ନେଇ ସମ୍ଭାବନା କମ୍ ଥିବା ଜଣାପଡ଼ିବା ପରେ ମକରନ୍ଦ ଏହି ପଦକ୍ଷେପ ନେଇଥିବା ନେଇ ଚର୍ଚ୍ଚା ଚାଲିଛି। ତେବେ ନିର୍ବାଚନ ପାଖେଇ ଆସୁଥିବା ବେଳେ ସ୍ୱାଧୀନ ବିଧାୟକଙ୍କ ଭାଜପା ଶୀର୍ଷ ନେତୃତ୍ୱଙ୍କୁ ଭେଟିବା ଭାଜପା ଓ ବିଜେଡିରେ ହଇଚଇ ସୃଷ୍ଟି କରୁଛି । ଆଗାମୀ ଦିନରେ ମକରନ୍ଦ କେଉଁ ଦଳ ଆଡ଼କୁ ଢଳୁଛନ୍ତି ତାହା ଦେଖିବାକୁ ବାକି ରହିଲା। ଆଗାମୀ ନିର୍ବାଚନରେ ସେ କଂଗ୍ରେସ ଦଳରୁ ମଧ୍ୟ ପ୍ରାର୍ଥୀ ହୋଇପାରନ୍ତି ବୋଲି କିଛିଦିନ ତଳେ ଚର୍ଚ୍ଚା ଚାଲିଥିଲା ।

# ୧୫ ଦିନ ତଳେ ଭାସିଯାଇଥିବା ଯୁବକଙ୍କ ମୃତଦେହ ମିଳିଲା

ଗୁଣପୁର,୧୧।୮ (ପ୍ରଦୀପ କୁମାର ପାଢୀ)

ଗୁଣପୁର ବ୍ଲକ ଭୀମପୁର ପଞ୍ଚାୟତ ମାଲାପଦରଠାରେ ଗତ ୧୫ ଦିନ ତଳେ ମହେନ୍ଦ୍ରତନୟା ନଦୀରେ ସୁବିଙ୍ଗ ଶବର ନାମକ ଜଣେ ଯୁବକ ଭାସି ଯାଇ ନିଖୋଜ ଥିଲେ। ଗୁରୁବାର ରାତିରେ ସୁବିଙ୍ଗଙ୍କ ମୃତଦେହ ନଦୀର ପୋଲ ନିକଟରେ ଠାବ ହୋଇଥିଲା। ଘଟଣା ସମ୍ପର୍କରେ ପୁଟାସିଂ ପୋଲିସ ଖବରପାଇ ଶୁକ୍ରବାର ସେଠାରେ ପହଞ୍ଚି ମୃତଦେହ ଜବତ କରିଥିଲା। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହଟି ପଚି ଯାଇଥିବାରୁ ସେଠାରେ ଶବ ବ୍ୟବଚ୍ଛେଦ ପ୍ରକ୍ରିୟା କରାଯାଇଥିଲା। ସୂଚନାଯୋଗ୍ୟ, ଗତ ୨୮ ତାରିଖରେ ସୁବିଙ୍ଗ ନଦୀକୁ ଶୌଚ ହେବାକୁ ଯାଇଥିବାବେଳେ ଆଉ ଘରକୁ ଫେରି ନ ଥିଲେ। ଫଳରେ ପରିବାର ଲୋକ ଏବଂ ଗ୍ରାମବାସୀ ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ନ ଥିଲା। ମହେନ୍ଦ୍ରତନୟା ନଦୀ ହୁଡାରେ ସୁବିଙ୍ଗଙ୍କ ପୋଷାକ, ଜୋତା, ଟର୍ଚ୍ଚ ପଡିଥିବା ଦେଖି ସେ ନଦୀରେ ଭାସି ଯାଇଥିବା ଲୋକେ ସନ୍ଦେହ କରି ଗୁଣପୁର ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। କର୍ମଚାରୀମାନେ ନଦୀରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା।

# ଦାବି ପୂରଣ ନ ହେଲେ ୧୬ରୁ ସମୂହ ଛୁଟି ନେବେ ଶିକ୍ଷକ

ରାୟଗଡ଼ା,୧୧।୮ (ଭାଗ୍ୟଶ୍ରୀ ମିଶ୍ର )

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ରାୟଗଡ଼ା ଜିଲାର ସମସ୍ତ ବର୍ଗର ଶୀର୍ଷ ଶିକ୍ଷକ ନେତୃବୃନ୍ଦଙ୍କ ତରଫରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ରାୟଗଡ଼ା ଜିଲା ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ୍ ସଭାପତି ଅଜିତ ଚୌଧୁରୀଙ୍କ ନେତୃତ୍ୱରେ ୬ଶହରୁ ଊର୍ଦ୍ଧ୍ୱ ଶିକ୍ଷକ ଶିକ୍ଷୟିତ୍ରୀ ସ୍ଥାନୀୟ ଜିସିଡି ଖେଳ ପଡିଆରୁ ଏକ ରାଲିରେ ବାହାରି ପ୍ରଥମେ ରାୟଗଡ଼ା ଜିଲା ଶିକ୍ଷାଧିକାରୀ ଓ ପରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଶିକ୍ଷକଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଆସନ୍ତା ଅଗଷ୍ଟ ୧୫ ସୁଦ୍ଧା ସରକାର ଦାବିଗୁଡିକୁ ବିଚାର ନ କଲେ ଅଗଷ୍ଟ ୧୬ ଠାରୁ ସମସ୍ତ ବର୍ଗର ଶିକ୍ଷକ ସମୂହ ଛୁଟି ନେଇ ବ୍ଲକ ଓ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଜିଲା ସଭାପତି ଅଜିତ ଚୌଧୁରୀ କହିଛନ୍ତି।

ଶିକ୍ଷକମାନେ ବ୍ୟାନର ଓ ପ୍ଲାକାର୍ଡ ଧରି ସରକାରଙ୍କ ଉଦ୍ଦେଶ୍ୟରେ ସ୍ଲୋଗାନ ଦେଇଥିଲେ। ନୂତନ ପେନ୍‌ସନ ଉଚ୍ଛେଦ କରି ପୁରାତନ ପେନ୍‌ସନ ଲାଗୁ କରିବା, ୪୨୦୦ ଗ୍ରେଡ୍ ପେ ପ୍ରଦାନ, ଶିକ୍ଷାକର୍ମୀ ଓ ଶିକ୍ଷା ସହାୟକଙ୍କୁ ନିୟମିତ ଘୋଷଣା କରିବା, ଏକ୍ସ କ୍ୟାଡର୍ ଉଚ୍ଛେଦ, କଳା, କ୍ରୀଡ଼ା ଓ ଭାଷା ଶିକ୍ଷକଙ୍କୁ ନିୟମିତ କରିବା ଆଦି ଦାବିପତ୍ରରେ ଉଲ୍ଲେଖ ରହିଛି । ଗତ ନଭେମ୍ବରରେ ସରକାର ଅତିଶୀଘ୍ର ଦାବିଗୁଡିକୁ ବିଚାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାର ୮ ମାସ ବିତିଯାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନେଇ ନ ଥିବା ଜିଲା ସମ୍ପାଦକ ନୀଳାଚଳ ମିଶ୍ର କହିଛନ୍ତି।




ଶିକ୍ଷକମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଜିଲା ବିଜେଡି କମିଟି ଘୋଷଣା

ରାୟଗଡ଼ା,୧୧।୮ (ଆଶିଷ ରଞ୍ଜନ ପଣ୍ଡା)

ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ରାୟଗଡ଼ା ଜିଲା ବିଜେଡି ନୂତନ କମିଟି ତାଲିକାରେ ମୋହର ମାରି ଘୋଷଣା କରିଛନ୍ତି । ଏଥିରେ ଦଳର ସମସ୍ତଙ୍କୁ ସୁହାଇବା ତଥା ଆଗାମୀ ନିର୍ବାଚନରେ ବିଜେଡିର ଏକତା ରକ୍ଷା କରବା ଉପରେ ଗୁରୁତ୍ୱ ଦେଇଛନ୍ତି ଦଳୀୟ ନେତୃତ୍ୱ। ସବୁ ନିର୍ବାଚନ ମଣ୍ଡଳୀ ଓ ଜିଲା ପରିଷଦ ଜୋନ୍‌ର ବଛା ବଛା ନେତାଙ୍କୁ ପଦବୀ ପ୍ରଦାନ କରାଯାଇଛି। ନୂତନ କମିଟିରେ ୧୪ ଜଣ ଉପସଭାପତି, ୧୫ ଜଣ ସାଧାରଣ ସମ୍ପାଦକ, ୧୭ ଜଣ ସମ୍ପାଦକ, ୧୩ ଜଣ ଯୁଗ୍ମ ସମ୍ପାଦକ ରହିଛନ୍ତି। ସେଥିରେ ରଞ୍ଜିତ କୁମାର ପାଣିଗ୍ରାହୀ, ବି.ତିରୁପତି ରାଓ, ରତନଲାଲ ଜୈନ, ରବୀନ୍ଦ୍ରନାଥ ପଣ୍ଡା, ଜି.ଶ୍ରୀନିବାସ ରାଓ, ଡମ୍ବୁରୁଧର ମାଝି, ଅଶ୍ୱିନୀ ଗମାଙ୍ଗ, ଧବଳେଶ୍ୱର ନାଇଡୁ, ଦାମ କୈବର୍ତ୍ତ, ସନ୍ତୋଷ ମହାନ୍ତି, ପି.ଗୌରୀ ଶଙ୍କର, ବିନାୟକ କର, ବିଜୟ ଚୌଧୁରୀ ଓ ସତ୍ୟନାରାୟଣ ପାଢ଼ୀ ଉପସଭାପତି ହୋଇଛନ୍ତି । ସେହିଭଳି ଲକ୍ଷ୍ମଣ ପେଦେଣ୍ଟି, ଜଗନ୍ନାଥ ନୁଣ୍ଡୁକା, ନନ୍ଦ ଚୌଧୁରୀ, ପୂର୍ଣ୍ଣ ଚନ୍ଦ୍ର ଗୌଡ଼, କୃଷ୍ଣ ପ୍ରସାଦ ପାଢ଼ୀ, କୈଳାସ ନାଏକ, ଟୁନା ଗୌଡ଼, ପି.ସାଇକ୍ରିଷ୍ଣା, ଦୁର୍ଗା ସାହୁ, ନବୀନ ପିପାଲି, ଲକ୍ଷ୍ମୀନାରାୟଣ ନନ୍ଦ, ଅଶୋକ ପଣ୍ଡା, ଗଙ୍ଗାଧର ପୁଆଲା, ଭାସ୍କର ପାଟଜୋଷୀ ଓ ଇପିଲି ସନ୍ନ୍ୟାସୀ ରାଜୁ ପ୍ରମୁଖ ସାଧାରଣ ସମ୍ପାଦକ ରହିଛନ୍ତି।

# ଭାଗ ନେବ ରାୟଗଡ଼ା ଦଳ



ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବା ଖେଳାଳି ଓ ଅନ୍ୟମାନେ।

ବିଷମକଟକ, ୧୧।୮ (ବିଭୂତି ଭୂଷଣ ନାୟକ)

**କେଉଁଝରରେ ଆନ୍ତଃ ରାଜ୍ୟ ୩୬ତମ ହ୍ୟାଣ୍ଡବଲ ପ୍ରତିଯୋଗିତା**

କେଉଁଝରରେ ହେବାକୁ ଥିବା ଆନ୍ତଃ ରାଜ୍ୟ ୩୬ତମ ସିନିୟର ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଭାଗନେବା ପାଇଁ ଶୁକ୍ରବାର ରାୟଗଡା ଦଳ ନିଜର ଗସ୍ତ ଆରମ୍ଭ କରିଛି। କେଉଁଝର ଜିଲାର ସଦର ମହକୁମାଠାରେ ଅଗଷ୍ଟ ୧୨ ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବା ନେଇ ଜିଲାର ଖେଳାଳିମାନେ ଖୁବ୍ ଆଗ୍ରହୀ ଅଛନ୍ତି। ଦୀର୍ଘ ସମୟ ଧରି ସମସ୍ତ ଖେଳାଳି ଏଥିପାଇଁ କଠିନ ପରିଶ୍ରମ କରିଥିବା ଦଳର କୋଚ ମହେଶ୍ୱର ଗୌଡ଼ ଓ ଜିଲା ସମ୍ପାଦକ ଶୁଭେନ୍ଦୁ ନାରାୟଣ ଚୌଧୁରୀ କହିଛନ୍ତି । ପୂର୍ବରୁ ରାୟଗଡା ଦଳର ଅନେକ ଖେଳାଳି ହ୍ୟାଣ୍ଡବଲରେ ଅନେକ ଆନ୍ତଃ ରାଜ୍ୟ ତଥା ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ସହ ଅତି ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରିଛନ୍ତି । ସବୁ ଥର ଭଳି ଏଥର ମଧ୍ୟ ଦଳ ତା'ର ସର୍ବଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବ ବୋଲି ସମସ୍ତେ ଆଶାବାଦୀ ଥିବା ରାୟଗଡା ଦଳର କ୍ୟାପ୍ଟେନ ଆଶୁତୋଷ ପାତ୍ର କହିଛନ୍ତି । ୧୨ ଜଣିଆ ଖେଳାଳିଙ୍କ ସହ ଏହି ଦଳରେ କୋଚ ସମେତ ଟିମ୍ ରମାକାନ୍ତ ଜାଲ, ସରୋଜ କୁମାର ଦଳେଇ, ଇସାକ ପାଣି, ଆଶୁତୋଷ ପାତ୍ର, ଦୀପିସନ ଖୋରା, ଗୁଲୁସୋନ କୁସୁଲିଆ, ଦିଲୀପ ବେହେରା, ଆକାଶ ପ୍ରଧାନ,ବିକାଶ ନାୟକ, ସିଦ୍ଧାର୍ଥ ଚୌଧୁରୀ, ରୁଦ୍ରପ୍ରତାପ ନାୟକ, ରୋହିତ ଡକୁଆ, ସରୋଜ ହିକକା, ରାମକାନ୍ତ ଜାଲ, ରଞ୍ଜିତ ପ୍ରତାପ ନାୟକ ପ୍ରମୁଖ ସାମିଲ ଅଛନ୍ତି।

# ରାୟଗଡ଼ା କଲେଜରେ 'ମେରି ମିଟି ମେରା ଦେଶ' କାର୍ଯ୍ୟକ୍ରମ

ରାୟଗଡ଼ା,୧୧।୮ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଶୁକ୍ରବାର 'ମେରି ମିଟି ମେରା ଦେଶ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲେଜର ଏନ୍‌ସିସି, ଏନ୍ଏସ୍ଏସ୍, ୱାଇଆରସି ତରଫରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଜ୍ୟୋତିର୍ମୟ ଆଚାରୀ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ର ଅଧ୍ୟକ୍ଷା ଡ. ବବିଲତା ସରାଫ ଏବଂ ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ଏବି ଗୁପ୍ତା ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ।

ମହାବିଦ୍ୟାଳୟର ଏକାଡେମୀ ବରସର ଏ.ଶ୍ରୀନିବାସ, ଏନ୍‌ସିସି ପ୍ରୋଗ୍ରାମ ଅଫିସର ଲ୍ୟୁଟ୍‌ନାଣ୍ଟ ଉଦୟ ନାଏକ, ଲ୍ୟୁଟ୍‌ନାଣ୍ଟ ଅର୍ଚ୍ଚନା ପଟ୍ଟନାୟକ, ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ଏବି ଗୁପ୍ତା, କେଶବ କୁମାରୀ ଜାନୀ ଏବଂ ୱାଇଆରସି କାଉନସିଲର ଅମିତ ସାହୁ, ତୃପ୍ତିମୟୀ ଭୋଇ ଏବଂ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସିଆର୍‌ପିଏଫ୍ କମାଣ୍ଡାଣ୍ଟ ଆଚାରୀ ଛାତ୍ରୀଛାତ୍ରମାନେ କିଭଳି ଦେଶ ମାଟି ପାଇଁ ସଂଗ୍ରାମ କରିବେ, ସ୍ୱାଧୀନତା ସୁରକ୍ଷା, ଗଙ୍ଗାଧର ମେହେରଙ୍କ ନିଜ ମାଟି ମାଆ ପ୍ରତି ଭକ୍ତି, ସ୍ୱାଭିମାନ ନାଗରିକ କ୍ଷେତ୍ରରେ ନିଜର କର୍ତ୍ତବ୍ୟ ଓ ଶୃଙ୍ଖଳା ପ୍ରତି ଅବଗତ ହେବେ ସେ ନେଇ ଶପଥ କରାଇଥିଲେ । ଶେଷରେ ଏ. ଶ୍ରୀନିବାସ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

# ୨ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ମକରନ୍ଦ

ରାୟଗଡ଼ା,୧୧।୮ (ଆଶିଷ ରଞ୍ଜନ ପଣ୍ଡା)

**ଝୋଡ଼ିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦାବି**

ଝୋଡ଼ିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦାବିରେ ଶୁକ୍ରବାର ଦିଲ୍ଲୀରେ ୨ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଛନ୍ତି ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି। ଜଳଶକ୍ତି ଓ ଆଦିବାସୀ ମନ୍ତ୍ରଣାଳୟ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଏବଂ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଧାୟକ ମୁଦୁଲ ଦାବିପତ୍ର ଦେଇଛନ୍ତି। ଏହି ସମୟରେ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ଭାଜପା ବିଧାୟକ ମୋହନ ମାଝି ଉପସ୍ଥିତ ଥିଲେ । ଦାବିପତ୍ର ଗ୍ରହଣ ପରେ ମନ୍ତ୍ରୀ ଟୁଡୁ ଓ ଧର୍ମେନ୍ଦ୍ର ପ୍ରଧାନ ଏ ବିଷୟରେ କେନ୍ଦ୍ର ସରକାର ସହିତ ଆଲୋଚନା କରିବା ସହ ସଂସଦରେ ଦାବି ଉପସ୍ଥାପନ କରିବା ନେଇ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଆଦିବାସୀ ମାନ୍ୟତା ନ ପାଇବାରୁ ଝୋଡ଼ିଆ ସମ୍ପ୍ରଦାୟ ଲୋକଙ୍କ ପିଲାମାନେ କୌଣସି ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟରେ ନାମ ଲେଖାଇ ପାରୁନାହାନ୍ତି। ଫଳରେ ସରକାରଙ୍କ ଦ୍ୱାରା ଦିଆଯାଉଥିବା ସୁବିଧାରୁ ଏହି ପିଲାମାନେ ବଞ୍ଚିତ ରହୁଛନ୍ତି। ରାୟଗଡ଼ା ଜିଲା କାଶୀପୁର ବ୍ଲକରେ ପାଖାପାଖି ୨୨ ଗୋଟି ପଞ୍ଚାୟତର ୮୫ ଖଣ୍ଡ ଗାଁରେ ପ୍ରାୟ ୫୦ ହଜାର ଝୋଡ଼ିଆ ବସବାସ କରୁଛନ୍ତି। ୧୯୯୭ ମସିହା ପୂର୍ବରୁ ଏହି ଝୋଡ଼ିଆମାନେ ଆଦିବାସୀ ମାନ୍ୟତା ପାଇ ଆସୁଥିଲେ । ତା' ପରଠାରୁ ଏମାନେ ନ୍ୟାୟ ପାଇଁ ସଂଘର୍ଷ କରି ଆସୁଛନ୍ତି । ପଡ଼ୋଶୀ କୋରାପୁଟ ଓ କଳାହାଣ୍ଡି ଜିଲାରେ ଏମାନଙ୍କର ସମ୍ପର୍କୀୟ ବନ୍ଧୁବାନ୍ଧବମାନେ ଏବେ ବି ଆଦିବାସୀ ମାନ୍ୟତା ପାଉଥିବାବେଳେ ରାୟଗଡା ଜିଲାର ଝୋଡ଼ିଆମାନେ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ନିୟମିତ ସେମାନଙ୍କର ନ୍ୟାଯ୍ୟ ଦାବି ପାଇଁ ଲଢ଼େଇ କରୁଛନ୍ତି ।

# ଇଣ୍ଡା ପକ୍ଷରୁ କନ୍ୟା ଏକ୍ସପ୍ରେସ୍ ଶୁଭାରମ୍ଭ

କୋଲନରା,୧୧।୮ (ମାନସ ମିଶ୍ର)

**ଉପାନ୍ତ ଅଞ୍ଚଳରେ କିଶୋରୀଙ୍କ ଅପପୁଷ୍ଟି ଦୂରକରିବାରେ ସହାୟକ ହେବ**

ଗ୍ରାମାଞ୍ଚଳରେ ୧୦ ରୁ ୧୯ ବର୍ଷ ବୟସ ମଧ୍ୟରେ ରହୁଥିବା କିଶୋରୀମାନଙ୍କ ଅପପୁଷ୍ଟି ରୋକିବା ଓ ସର୍ବାଙ୍ଗୀନ ଶାରୀରିକ ବିକାଶ ନେଇ ଥେରୁବାଲିସ୍ଥିତ ଇଣ୍ଡା କମ୍ପାନୀ ପକ୍ଷରୁ ଶୁକ୍ରବାର କନ୍ୟା ଏକ୍ସପ୍ରେସର ଶୁଭାରମ୍ଭ ହୋଇଛି। ରାୟଗଡ଼ା ଉପଜିଲାପାଳ ଭୀମସେନ ଶବର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତାକା ଦେଖାଇ ଏହି କନ୍ୟା ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିଥିଲେ । ଇଣ୍ଡା ଭଳି ଅନ୍ୟ କମ୍ପାନୀ ମଧ୍ୟ ଏଭଳି ପଦକ୍ଷେପ ନେବା ଉଚିତ । ଏହାଦ୍ୱାରା ଅଞ୍ଚଳର ବିକାଶ ହେବ ବୋଲି ଉପଜିଲାପାଳ ଶବର କହିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଲାଲମୋହନ ରାଉତରାୟ, କୋଲନରା ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକ, କୋଲନରା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ବିଜୟଲକ୍ଷ୍ମୀ ନିଶଙ୍କ, ନିକଟସ୍ଥ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଇଣ୍ଡା ମୁଖ୍ୟ ପରିଚାଳକ ଏମ୍. ଶ୍ରୀନିବାସ, ଉପମୁଖ୍ୟ ପରିଚାଳକ କଲୋଳ କୁମାର ନାୟକ ଓ ଇଣ୍ଡା ହସ୍ପିଟାଲର ମୁଖ୍ୟ ଡାକ୍ତର ପ୍ରଶାନ୍ତ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ । ଉପାନ୍ତ ଅଞ୍ଚଳର କିଶୋରୀମାନେ ଏହି କନ୍ୟା ଏକ୍ସପ୍ରେସ ଦ୍ୱାରା ଲାଭବାନ ହେବା ସହ ସୁସ୍ଥ ରହିପାରିବେ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରାଉତରାୟ କହିଛନ୍ତି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଇଣ୍ଡା ଲୋକ ସମ୍ପର୍କ ବିଭାଗ ବରିଷ୍ଠ ପରିଚାଳକ ଶକ୍ତି ପାଣିଗ୍ରାହୀ ଉପସ୍ଥିତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ କମ୍ପାନୀ ଉପମୁଖ୍ୟ ପରିଚାଳକ ନିଲେନ୍ଦୁ ଚାଟାର୍ଜି କନ୍ୟା ଏକ୍ସପ୍ରେସ୍ ବିଷୟରେ ବର୍ଣ୍ଣନା କରିଥିଲେ ।



ଉପଜିଲାପାଳ ସବୁଜ ପତାକା ଦେଖାଇ କନ୍ୟା ଏକ୍ସପ୍ରେସର ଶୁଭାରମ୍ଭ କରୁଛନ୍ତି।

# କାରଖାନା ପ୍ରଦୂଷଣରେ ଅଣନିଃଶ୍ୱାସୀ ଗ୍ରାମବାସୀ

**୨ ଗାଁ ବିସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ରାୟଗଡ଼ା,୧୧।୮ (ଭାଗ୍ୟଶ୍ରୀ ମିଶ୍ର)

କାଶୀପୁର ବ୍ଲକ ଦୋରାଗୁଡ଼ାସ୍ଥିତ ଉତ୍କଳ ଆଲୁମିନା କାରଖାନାରୁ ନିର୍ଗତ ପ୍ରଦୂଷଣରେ ଅଣନିଃଶ୍ୱାସୀ ହୋଇପଡିଛନ୍ତି ଗ୍ରାମବାସୀ। କାରଖାନା ପ୍ରତିଷ୍ଠା ପାଇଁ ନିଜ ଜମି ହରାଇଥିବା ଡିମୁଣ୍ଡି ଓ ଡିକରଳ ଗାଁକୁ ଅନ୍ୟତ୍ର ବିସ୍ଥାପନ ଦାବିରେ ଶୁକ୍ରବାର ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଉକ୍ତ ୨ ଗ୍ରାମର ଶତାଧିକ ଲୋକ କୋରାପୁଟ ଛକଠାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ତେବେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଦାବିପତ୍ର ଗ୍ରହଣ କରିଥିଲେ। ଗ୍ରାମକୁ ବିସ୍ଥାପିତ ଘୋଷଣା କରାଯାଉ ନଚେତ୍ ଜମି ଫେରସ୍ତ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ଆଗାମୀ ୩୦ ଦିନ ମଧ୍ୟରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ନେଲେ ସେମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

ପ୍ରକାଶ ଥାଉକି, କାରଖାନା ପାଇଁ ଏହି ୨ ଗ୍ରାମର ଚାଷ ଜମି ପୂର୍ବରୁ ଅଧିଗ୍ରହଣ ହୋଇଥିଲା। ଫଳରେ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। କାରଖାନା ପାଚେରିକୁ ଲାଗି ଏହି ଦୁଇ ଗ୍ରାମ ରହିଛି । ତେଣୁ ଲୋକେ ଏଥିପାଇଁ ସମସ୍ୟା ଭୋଗିବା ସହିତ ପ୍ରଦୂଷଣ ପାଇଁ ହନ୍ତସନ୍ତ ହେଉଥିବା ପ୍ରକାଶ କରିଛନ୍ତି। ବାରମ୍ବାର ଦାବି ପରେ ଡିମୁଣ୍ଡି ଓ ଡିକରଳ ଗ୍ରାମ ବିସ୍ଥାପନ ପାଇଁ ଆର୍‌ଡିସି ନିର୍ଦ୍ଦେଶ ଦେଇଥିଲେ । ହେଲେ ତାହା ଦୀର୍ଘବର୍ଷ ହେଲା କାର୍ଯ୍ୟକାରୀ ହେଉ ନ ଥିବାରୁ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିବା ସହ କାର୍ଯ୍ୟକାରୀ ପାଇଁ ଦାବି କରିଛନ୍ତି।




ଗ୍ରାମବାସୀ ରାଲିକରି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୨ ଅଗଷ୍ଟ, ୨୦୨୩

**ଦାୟିତ୍ୱ ନେଲେ ନନ୍ଦପୁର ନୂତନ ଥାନାଧିକାରୀ**

ନନ୍ଦପୁର,(ଶଙ୍କର ପୂଜାରୀ)- ନନ୍ଦପୁର ଥାନାଧିକାରୀଭାବେ ଆଶ୍ରିତା ଖାଲଗୋ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ନନ୍ଦପୁର ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ରଙ୍କୁ ସାକ୍ଷାତ କରି ନିଜ ଦାୟିତ୍ୱ ଗ୍ରହଣ ସମ୍ପର୍କରେ ଅବଗତ କରିଥିଲେ। ସେ ପୂର୍ବରୁ ରାୟଗଡ଼ା ଜିଲା ଚନ୍ଦ୍ରପୁର ଥାନାରେ ଥିଲେ। ଉପରିସ୍ଥ ଅଧିକାରୀଙ୍କ ଆସ୍ଥା ସହ ସ୍ଥାନୀୟ ଲୋକଙ୍କ ବିଶ୍ୱାସ ବଜାୟ ରଖିବାକୁ ଚେଷ୍ଟା କରିବେ ବୋଲି ନୂତନ ଥାନାଧିକାରୀ ଖାଲଗୋ କହିଛନ୍ତି।



## ସଂକ୍ଷେପରେ

### ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ବୃଦ୍ଧାଶ୍ରମ, କାରାଗାର ପରିଦର୍ଶନ

ଜୟପୁର,୧୧।୮ (ପବନ ପାଣିଗ୍ରାହୀ)-




ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶରେ ଜିଲା ଜଜ୍ ତଥା ଅଧ୍ୟକ୍ଷ ସତ୍ୟ ନାରାୟଣ ମିଶ୍ରଙ୍କ ପରାମର୍ଶରେ ପ୍ରାଧିକରଣ ସଚିବ ସୁମନ ଜେନା କୋରାପୁଟ ଜିଲାରେ ଥିବା ମଣ୍ଡଳ କାରାଗାର, ମୁଣ୍ଡାଗୁଡ଼ା ଓ ବେପାରିଗୁଡ଼ାର ବୃଦ୍ଧାଶ୍ରମ ପରିଦର୍ଶନ କରିଛନ୍ତି। ଏହି ସମୟରେ ସଚିବ ଜେନା ଅନ୍ତେବାସୀଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ପଚାରି ବୁଝି ପ୍ରତିମାସରେ ଡାକ୍ତରୀ ଯାଞ୍ଚ କରିବାକୁ ଜିଲା ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ଜେନା କୋଟପାଡ ଉପ କାରାଗାର ଗସ୍ତକରି କାରାଗାର ଅନ୍ତେବାସୀଙ୍କ ଖାଦ୍ୟପେୟ, ସ୍ୱାସ୍ଥ୍ୟସେବା, ପରିଷ୍କାର ପରିଚ୍ଛନ୍ନତା, ସୁରକ୍ଷା ଏବଂ ବିଭିନ୍ନ ଅଦାଲତରେ ସେମାନଙ୍କ ମାମଲା ଉପରେ ପଚାରି ବୁଝିଥିଲେ।

### ଚୋରି ମାମଲାରେ ଜଣେ ଗିରଫ

ଜୟପୁର,୧୧।୮ (ପବନ ପାଣିଗ୍ରାହୀ)

ଏକ ଚୋରି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଓଡ଼ିଆ ମେଦ୍ରିସାହିର ହରି ନାୟକ (୨୦)। ଜୟପୁରର ଦେବେନ୍ଦ୍ର ଚୌଧୁରୀଙ୍କ ଟାଟା ମ୍ୟାଜିକ ଗାଡିରୁ ବ୍ୟାଟେରି ଚୋରି ହୋଇଥିଲା। ଏନେଇ ଦେବେନ୍ଦ୍ର ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ଓଡ଼ିଆ ମେଦ୍ରିସାହିରୁ ହରି ସମ୍ପୃକ୍ତ ଥିବା ଜାଣି ତାଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଥିଲା।

### ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ଜୟପୁର,୧୧।୮ (ପବନ ପାଣିଗ୍ରାହୀ)-

ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରିଥିବା ଅଭିଯୋଗରେ ଜଣେ ଯୁବକଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି। ସେ ହେଲେ ବି.ସିଂପୁର ଅଞ୍ଚଳର ଦେବ ଗଣ୍ଡ (୨୧)। ଜୟପୁର ସହରର ଜଣେ ନାବାଳିକା (୧୫)ଙ୍କ ଦେବ ଅପହରଣ କରିଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରଥିଲା। ତଦନ୍ତରୁ ଦେବଙ୍କ ସମ୍ପୃକ୍ତି ଥିବା ଜାଣି ତାଙ୍କୁ ଗିରଫ କରିଥିଲା। ଅପହୃତା ନାବାଳିକାଙ୍କୁ ବି.ସିଂପୁରରୁ ଉଦ୍ଧାର କରାଯାଇଥିଲା।

### ଡ.ସୁଶାନ୍ତ ସାହୁ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲର ନୂତନ ଅଧୀକ୍ଷକ

କୋରାପୁଟ,୧୧।୮(ଅମିତାଭ ବେହେରା)

କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲର ନୂତନ ଅଧୀକ୍ଷକଭାବେ ଡ. ସୁଶାନ୍ତ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ଥିବା ମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ସୀତାରାମ ମହାପାତ୍ରଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଥିବା ଜଣାଯାଇଛି। ମେଡିକାଲରେ ରୋଗୀ କିପରି ଠିକ୍ ସେବା ପାଇପାରିବେ ସେ ନେଇ ଦୃଷ୍ଟି ଦେବେ ବୋଲି ଡା. ସାହୁ ପ୍ରକାଶ କରିଛନ୍ତି।

# ଦିବ୍ୟାଙ୍ଗ ଯୁବକଙ୍କୁ ଭତ୍ତା ଲୋଭ ଦେଖାଇ ଅସ୍ତ୍ରୋପଚାର

- ଆଶାକର୍ମୀଙ୍କ ବିରୋଧରେ ଅଭିଯୋଗ ଆଣିଲେ ମାଆ
- ଜନ୍ମରୁ ଗଙ୍ଗା ମୂକ
- କମିଟି ଗଠନ ହୋଇଛି, ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବ: ସିଡିଏମ୍‌ଓ

ମାଥିଲି, ୧୧।୮ (ସୁବାସ ଚନ୍ଦ୍ର ଖୁଜୁରିଆ)



କଂଗ୍ରେସ ନେତା ଶରତ ଚନ୍ଦ୍ର ବୁରୁଦା ଆମ୍ବଗୁଡା ଗ୍ରାମକୁ ଯାଇ ଚମ୍ପା ଓ ଗଙ୍ଗାଙ୍କୁ ଘଟଣା ସମ୍ପର୍କରେ ପଚାରି ବୁଝୁଛନ୍ତି।

ମାଲକାନଗିରି ଜିଲା ମାଥିଲି ବ୍ଲକ ମହୁପଦର ପଞ୍ଚାୟତର ଆମ୍ବଗୁଡା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଅବିବାହିତ ଯୁବକଙ୍କୁ କାଗଜପତ୍ରରେ ବିବାହିତ ଦର୍ଶାଇ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରାଯାଇଛି। ଏହା ଜଣାପଡ଼ିବା ପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ସମ୍ପୃକ୍ତ ଯୁବକ ଜଣକ ହେଲେ ଗଙ୍ଗା ଦୁରୁଆ, ବୟସ ୨୬ ବର୍ଷ। ଆଦିବାସୀ ସମ୍ପ୍ରଦାୟର ମୂକ ଯୁବକ ଗଙ୍ଗାଙ୍କୁ ଭତ୍ତା ମିଳିବ ବୋଲି ପ୍ରଲୋଭିତକରି ନିକଟରେ ଆଶାକର୍ମୀ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ଏଠାରେ ତାଙ୍କୁ ପରିବାର ନିୟନ୍ତ୍ରଣ ଅସ୍ତ୍ରୋପଚାର କରି ଛାଡ଼ି ଦିଆଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଏପରି ହୋଇଥିବା ଗଙ୍ଗାଙ୍କ ମାଆ ଚମ୍ପା ଜାଣିବା ପରେ ସେ ଗ୍ରାମ ଲୋକଙ୍କୁ ଏ ବିଷୟରେ ଜଣାଇଥିଲେ। ଗ୍ରାମବାସୀ ମଧ୍ୟ ଏହାକୁ ତୀବ୍ର ବିରୋଧ କରିଥିଲେ।

ଖବରରୁ ଜଣାପଡିଛି, ଗତ ୩ରେ ମାଥିଲି ସବ୍‌ଡିଭିଜନ ମେଡିକାଲରେ ପୁରୁଷ ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଯାଇଥିଲା। ଏଥିରେ ମହୁପଦର ଅଞ୍ଚଳରୁ ୨ ଜଣଙ୍କୁ ଅସ୍ତ୍ରୋପଚାର କରିବାକୁ ଆଶାକର୍ମୀ ଆଣିଥିଲେ। ସେମାନଙ୍କ ମଧ୍ୟରେ ଗଙ୍ଗା ଥିଲେ। ସାଧାରଣତଃ ଜନ୍ମରୁ ମୂକ ପାଲଟିଥିବା ଗଙ୍ଗା ମାନସିକ ଓ ଶାରୀରିକ ସ୍ତରରେ ଥିଲେ ଅସୁସ୍ଥ। ଦିବ୍ୟାଙ୍ଗ ଭତ୍ତା ମିଳିବ ବୋଲି କହି ଆଶାକର୍ମୀ ଜଣକ ତାଙ୍କୁ ଏବଂ ତାଙ୍କ ମାଆଙ୍କୁ ମାଥିଲି ଆଣିଥିଲେ। ଗଙ୍ଗାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେଇ ବିବାହିତ ବୋଲି କହି ତାଙ୍କର ଅସ୍ତ୍ରୋପଚାର କରାଇଥିଲେ। ଘରକୁ ଆସିବା ପରେ ଚମ୍ପା ଏକଥା ଜାଣିବାକୁ ପାଇ ଆଶାକର୍ମୀ ଜଣକ ଅନ୍ୟାୟ ଭାବେ ପୁଅକୁ ନେଇ ଅସ୍ତ୍ରୋପଚାର କରିଥିବା ଅଭିଯୋଗ ଉଠାଇଥିଲେ। ଘଟଣା ଜାଣିବା ପରେ କଂଗ୍ରେସ ନେତା ଶରତ ଚନ୍ଦ୍ର ବୁରୁଦା ଆମ୍ବଗୁଡା ଗ୍ରାମକୁ ଯାଇ ଏହାର ସତ୍ୟତା ଅନୁଧ୍ୟାନକରି ଶୁକ୍ରବାର ମାଲକାନଗିରି ଜିଲାପାଳ ବିଶାଲ ସିଂଙ୍କୁ ଭେଟି ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବିପତ୍ର ଦେଇଛନ୍ତି। ଏ ସମ୍ପର୍କରେ ମାଲକାନଗିରି ସିଡିଏମ୍‌ଓ ଡା. ପ୍ରଫୁଲ୍ଲ ନନ୍ଦଙ୍କୁ ପଚାରିବାରୁ ସେ କହିଲେ, ଏହି ଖବର ଜଣାପଡିବା ପରେ ଘଟଣା ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଗତ ୩ ତାରିଖରେ ଗଙ୍ଗାଙ୍କ ପ୍ରତି ହୋଇଥିବା ଅନ୍ୟାୟର ବିଭାଗୀୟ ତଦନ୍ତ କରାଯିବ। ଯିଏ ଦୋଷୀ ସାବ୍ୟସ୍ତ ହେବେ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିଏମ୍‌ଓ ନନ୍ଦ କହିଛନ୍ତି।

# ଖଇରପୁଟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ରଖିଲେ ପ୍ରଣବ

ଖଇରପୁଟ,୧୧।୮ (ଜଗନ୍ନାଥ ମାଝୀ)

ମାଲକାନଗିରି ଜିଲା ଖଇରପୁଟ ବ୍ଲକର ମାଆ ଦାମଲଦେଈ ମନ୍ଦିର ପୂଜା କମିଟି ଓ ଅଞ୍ଚଳବାସୀ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ,୫-ଟି ସଚିବ ଭିକେ ପାଣ୍ଡିଆନ କୃତଜ୍ଞତା ଜଣାଇଛନ୍ତି। ଗତ କିଛିମାସ ତଳେ ଯାଜପୁର ବିଧାୟକ ତଥା ବିଜୁ ଜନତା ଦଳର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ମାଲକାନଗିରି ଜିଲା ଗସ୍ତ କରିଥିଲେ। ଏହି ସମୟରେ ସେ ଖଇରପୁଟ ବ୍ଲକର ମାଆ ଦାମଲଦେଈ ମନ୍ଦିର ପରିଦର୍ଶନ କରିଥିଲେ। ମନ୍ଦିର ପରିଚାଳନା କମିଟି ମନ୍ଦିରର ଉନ୍ନତିକରଣ ପାଇଁ କିଛି ସରକାରୀ ଆର୍ଥିକ ଅନୁଦାନ ଦେବାକୁ ଅନୁରୋଧ କରିଥିଲେ। ଏହା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟିକୁ ଆଣି ଏ ଦିଗରେ କିଛି ଅନୁଦାନ ବ୍ୟବସ୍ଥା କରିବେ ବୋଲି ପ୍ରଣବ ପ୍ରତିଶ୍ରୁତି ଦେଇଥିଲେ। ଏବେ ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୩୦ ଲକ୍ଷ ଟଙ୍କାର ଅନୁଦାନ ମିଳିଛି। ଏଥିପାଇଁ ଅଞ୍ଚଳବାସୀ ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ, ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ZILLA PARISHAD : MALKANGIRI

Letter No. 4583/XXXX-13/2023 Dev. Date 10.08.2023

To,
The President & Secretary,
Damaldei Temple Committee,
Khairput.

Sub:- Regarding approval and sanction of funds for Repair & Renovation of Damaldei Temple at Khairput under CM Special Assistance for the year 2023-24.

Sir,
I am to inform you that, the Govt. have been pleased to approve and sanction fund to the tune of Rs.30.00 lakh (Rupees Thirty lakh)(only) for the project "Repair & Renovation of Damaldei Temple at Khairput under CM Special Assistance (Mukhya Mantri Swatantra Sahayata) (32nd Phase) Scheme for the year 2023-24.
This is for favour of your information and necessary action.

Yours faithfully,
Chief Development Officer-cum-EO,Zilla Parishad, Malkangiri

ଅନୁଦାନ ସମ୍ପର୍କରେ ମିଳିଥିବା ଚିଠି।

# ୨ ଶିକ୍ଷକଙ୍କୁ ନେଇ ଚାଲିଛି ବିଦ୍ୟାଳୟ

- ଛାତ୍ରୀଛାତ୍ରଙ୍କ ପାଇଁ ଆବଶ୍ୟକ ଶୌଚାଳୟ ନାହିଁ
- ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି ଛାତ୍ରାବାସ
- ପିଲାଙ୍କୁ ଧରି ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବୁ: ଅଭିଭାବକ

ଦଶମନ୍ତପୁର,୧୧।୮ ( ଅରବିନ୍ଦ ନାୟକ )

କେଉଁଠି କମ୍ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଲାଗି ଅଧିକ ଶିକ୍ଷକଙ୍କୁ ନିଯୁକ୍ତି କରାଯାଉଥିବା ବେଳେ ଆଉ କେଉଁ ବିଦ୍ୟାଳୟରେ ଶିକ୍ଷାଦାନ ନିମିତ୍ତ ଆବଶ୍ୟକତାରୁ କମ୍ ଶିକ୍ଷକ ରହୁଥିବାରୁ ଶିକ୍ଷାଦାନରେ ବାଧାପ୍ରାପ୍ତ ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତରେ ଥିବା ବଦଲିକୁଡୁମା ଗ୍ରାମରେ ଥିବା ଉନ୍ନୀତ ଆଶ୍ରମ ବିଦ୍ୟାଳୟ କ୍ଷେତ୍ରରେ ଏପରି ଦେଖିବାକୁ ମିଳିଛି। ଏହି ଆଶ୍ରମ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ଯାଏ ୨୧୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଏଠାରେ ଶିକ୍ଷାଦାନ ଲାଗି ୭ ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିଯୁକ୍ତି କରିବା ପରିବର୍ତ୍ତେ ୨ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି। ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରବୀନ୍ଦ୍ର ବେହେରା ଓ ସହକାରୀ ଶିକ୍ଷୟିତ୍ରୀ ଅନିତା ସାହୁ ରହିଥିବା ଜଣାପଡିଛି। ଶିକ୍ଷକ ସମସ୍ୟା ବ୍ୟତୀତ ବିଦ୍ୟାଳୟରେ ଅନ୍ୟ କର୍ମଚାରୀ ଅଭାବ ରହିଛି। ଛାତ୍ରୀଛାତ୍ରଙ୍କ ପାଇଁ ଆବଶ୍ୟକ ଶୌଚାଳୟ ନାହିଁ। ୪୦ ଜଣ ଛାତ୍ର ରହୁଥିବା ହଷ୍ଟେଲର ଆଜବେଷ୍ଟ ଗୃହ ଜରାଜୀର୍ଣ୍ଣ ହୋଇ ପଡ଼ିଛି। ବର୍ଷା ହେଲେ ପାଣି ଗଳୁଛି। ଛାତ୍ରଙ୍କ ଜୀବନ ପ୍ରତି ବିପଦ ଥିବାରୁ ପିଲାଙ୍କୁ ପାଠ ପଢ଼ାଯାଉଥିବା ଏକ ଶ୍ରେଣୀଗୃହରେ ରଖାଯାଇଥିବା ପ୍ରଧାନ ଶିକ୍ଷକ ବେହେରା କହିଛନ୍ତି। ଛାତ୍ରଙ୍କ ସକାଶେ ଏକ ନୂତନ ହଷ୍ଟେଲ ନିର୍ମାଣ ସହ ପିଲାଙ୍କୁ ଶିକ୍ଷାଦାନ ପାଇଁ ଆଉ ୫ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି ନ ଦେଲେ ଆମେ ବାଧ ହୋଇ ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପିଲାଙ୍କ ସହ ଧାରଣାରେ ବସିବୁ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପାତ୍ର ଖସଲାଙ୍କ ସମେତ ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ବ୍ଲକ ଶିକ୍ଷା ଅଧିକାରୀ ଦୟାସିନ୍ଧୁ ବାଘଙ୍କୁ ଏନେଇ ପଚାରିବାରୁ ସେ ଖୁବ୍ ଉକ୍ତ ଶୀଘ୍ର ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ବ୍ୟବସ୍ଥା କରିବି ବୋଲି କହିଥିଲେ।



ଶିକ୍ଷୟିତ୍ରୀଙ୍କ ବିଳମ୍ବ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି ଅଭିଭାବକ ।

### ଡିଗ୍ରୀ ମହାବିଦ୍ୟାଳୟରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ

କୁଡୁମୁଲୁଗୁମ୍ମା,୧୧।୮ (ସୁଜିତ ପଟ୍ଟନାୟକ)

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ଡାରଉଇନ ଡିଗ୍ରୀ ମହାବିଦ୍ୟାଳୟରେ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମାଟି ମା'ଙ୍କୁ ପ୍ରଣାମ କରି ଦେଶର ବୀର ଶହୀଦଙ୍କ ସ୍ମୃତିଚାରଣ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ଅବସରପ୍ରାପ୍ତ ଭାରତୀୟ ସୈନିକ ହରିପ୍ରସାଦ ସ୍ୱାଇଁ ଛାତ୍ରୀଛାତ୍ରଙ୍କୁ ରାଷ୍ଟ୍ର ନିର୍ମାଣ ପାଇଁ ଯୁବ ଶକ୍ତିର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ। ସେ ସ୍ୱାଧୀନ ଭାରତର ଇତିହାସ ଓ ଶହୀଦ ବୀର ଯବାନଙ୍କ ବୀରତ୍ୱଗାଥା ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ସମାଜିକ କର୍ମୀ ଭଗବାନ ସାହୁ ଉପସ୍ଥିତ ଥିଲେ।

### ଶିକ୍ଷକ ସଂଘର ଦାବିପତ୍ର

ମାଲକାନଗିର,୧୧।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ପକ୍ଷରୁ ପ୍ରଦତ ଏହି ଦାବିପତ୍ରରେ ରାଜ୍ୟରେ ଠିକା ନିଯୁକ୍ତି ଉଚ୍ଛେଦ କରିଥିବାରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ କାର୍ଯ୍ୟରତ ଶିକ୍ଷକ ମାନଙ୍କୁ ନିୟମିତ କରିବା, ଶିକ୍ଷା କର୍ମୀ ଓ ଶିକ୍ଷା ସହକାୟକଙ୍କ ଠିକା କାର୍ଯ୍ୟକାଳକୁ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା, ମୂଳ ଚାକିରିରେ ଗଣନା, ଏକ୍ସକ୍ୟାଡର ମାନଙ୍କୁ ଏଲିମେଣ୍ଟାରି କ୍ୟାଡରଭୁକ୍ତ କରିବା, ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ବେତନ, ନୂତନ ପେନସନ ପ୍ରଥା ଉଚ୍ଛେଦ, ପୁରୁଣା ପେନସନ ଲାଗୁ ଆଦି ଦାବି ରହିଛି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ତାରକ ମଣ୍ଡଳ, ଉପସଭାପତି କେଶବ ବେହେରା, ସମ୍ପାଦକ ଦାମୋଦର ସାହୁ ଉପସଭାନେତ୍ରୀ ସାଧନା ମଣ୍ଡଳ ଉପସ୍ଥିତ ଥିଲେ ।

# ଖଇରପୁଟରେ ନୂଆ ବିଇଓ




ନୂଆ ବିଇଓଙ୍କୁ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଆଞ୍ଚଳିକ ସାଧନ କର୍ମୀ ଓ ପ୍ରଧାନ ଶିକ୍ଷକମାନେ ଶୁଭେଚ୍ଛା ଜଣାଉଛନ୍ତି।

ଗୋବିନ୍ଦପାଲି,୧୧।୮ (କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଖଇରପୁଟ ବ୍ଲକର ନୂଆ ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଭାବେ ହୃଷିକେଶ ଦଣ୍ଡସେନା ଯୋଗ ଦେଇଛନ୍ତି। ଗୁରୁବାର ସେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗ ଦେବା ପରେ ବିଭାଗୀୟ ବୈଠକରେ ଯୋଗ ଦେଇଥିଲେ। ଶୁକ୍ରବାର ଦଣ୍ଡସେନାଙ୍କୁ ବ୍ଲକରେ କାର୍ଯ୍ୟରତ ସମସ୍ତ ଆଞ୍ଚଳିକ ସାଧନ କର୍ମୀ ଓ ପ୍ରଧାନ ଶିକ୍ଷକମାନେ ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଭେଟି ଶୁଭେଚ୍ଛା ଜଣାଇଥିଲେ। ଶିକ୍ଷକମାନଙ୍କ ରହିଥିବା ବିଭିନ୍ନ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନେବାକୁ ସେ ଉଦ୍ୟମ କରିବେ ବୋଲି କହିଥିଲେ। ଦଣ୍ଡସେନା ଏହା ପୂର୍ବରୁ ନୂଆପଡା ଜିଲାର ବୁଦ୍ଧିକୋମନା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ଅନେକ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ହେବାକୁ ସେ ପରାମର୍ଶ ଦେଉଥିଲେ। ନୂତନ ସ୍ଥାନରେ ଯୋଗ ଦେବା ଅବସରରେ ଦଣ୍ଡସେନା କହିଛନ୍ତି ଯେ, ଶିକ୍ଷାର ବିକାଶ ଦିଗରେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାରୁ ସୁଫଳ କିପରି ପିଲାମାନେ ପାଇବେ ସେଥିପ୍ରତି ସେ ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ। ଯେପରି ଆମ ବ୍ଲକରୁ ଅଧିକରୁ ଅଧିକ ପିଲା ନବୋଦୟ ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିବେ ସେଥିପ୍ରତି ଯତ୍ନବାନ ହେବେ।

# ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ନେଇ ଜମି ଚିହ୍ନଟ



ପଟ୍ଟାଙ୍ଗି,୧୧।୮ (ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକରେ ଜେଏମଏଫ୍‌ସି କୋର୍ଟ ସ୍ଥାପନ ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ବ୍ଲକର ପାଣିଗ୍ରାହୀ ଫାର୍ମ ସମ୍ମୁଖ ପ୍ରାୟ ୨୦୦ ମିଟର ଦୂରରେ ଥିବା ଏକ ପାହାଡ଼ ତଳେ ରହିଥିବା ସରକାରୀ ଜମି ଚିହ୍ନଟ ହୋଇଛି। ଜିଲା ଜଜ୍ ସତ୍ୟ ନାରାୟଣ ମିଶ୍ର ଶୁକ୍ରବାର ପଟ୍ଟାଙ୍ଗି ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆଙ୍କ ସହ ଉକ୍ତ କୋର୍ଟ ନିର୍ମାଣ ନେଇ ସରକାରୀ ଜମି ଚିହ୍ନଟ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ଥାୟୀ କୋର୍ଟ ଆରମ୍ଭ ନ ହେବା ଯାଏ ବର୍ତ୍ତମାନ କିପରି କାମଚଳା ଭାବେ କୋର୍ଟ କାର୍ଯ୍ୟ ଚାଲିବ ସେନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଜିଲା ଜଜ୍ ମିଶ୍ର ସରକାରୀ କାର୍ଯ୍ୟାଳୟ ପରିସରରେ ରହିଥିବା କିଛି ଘର, ଥାନା ପରିସରରେ ଥିବା କିଛି ଘର ଦେଖି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ। କୋର୍ଟ ନିର୍ମାଣ ପାଇଁ ଆବଶ୍ୟକ ୦୩ ଏକର ଜମି ଚିହ୍ନଟ ନିମନ୍ତେ ତହସିଲଦାର ଧାରୁଆ , ଥାନାଧିକାରୀ ଚତୁର୍ଭୁଜ ନାୟକ, ଆରଡି କନିଷ୍ଠ ଯନ୍ତ୍ରୀ ଅସିମ୍ ମିଞ୍ଜ୍ , ରାଜସ୍ୱ ନିରୀକ୍ଷକ ଦୁର୍ଯ୍ୟୋଧନ ନାୟକଙ୍କୁ ନେଇ ସରକାରୀ ଜମି ଚିହ୍ନଟ ହୋଇଥିଲା। ବ୍ଲକର ମୁଖ୍ୟ ଗ୍ରାମଠାରୁ ପ୍ରାୟ ଦୁଇ କି.ମି. ଦୂରରେ କୋର୍ଟ ନିର୍ମାଣ ପାଇଁ ଜମି ଚିହ୍ନଟ ହେଉଥିବାରୁ ଏହାକୁ ନେଇ ଗ୍ରାମବାସୀ କିଛିମାତ୍ରାରେ ଅସନ୍ତୋଷ ପ୍ରକାଶ କରିଥିଲେ।

# ୧୬ ସମସ୍ୟା ସରପଞ୍ଚଙ୍କୁ ଜଣାଇଲେ ଗ୍ରାମବାସୀ

ଜୟପୁର,୧୧।୮ (ପବନ ପାଣିଗ୍ରାହୀ)

ଜୟପୁର ବ୍ଲକର ଏକମ୍ବା ପଞ୍ଚାୟତର ନଂ. ୯ ୱାର୍ଡର ମୌଳିକ ସମସ୍ୟାର ସମାଧାନ ନେଇ ଗ୍ରାମବାସୀ ସରପଞ୍ଚଙ୍କୁ ଜଣାଇଛନ୍ତି। ଗ୍ରାମବାସୀ ସେମାନଙ୍କ ୧୬ଟି ସମସ୍ୟା ସମ୍ପର୍କିତ ଏକ ତାଲିକା ସରପଞ୍ଚଙ୍କୁ ଦେଇଛନ୍ତି। ବୈଦଗୁଡା, ଇନ୍ଦିରା କଲୋନି, ରାଜୀବ କଲୋନି, ନନ୍ଦଗୁଡାରେ ଆଲୋକ, ପାନୀୟ ଜଳ ବ୍ୟବସ୍ଥା କରିବା, ଇନ୍ଦିରା କଲୋନିକୁ ରାସ୍ତା ବ୍ୟବସ୍ଥା, ଯୁବକମାନଙ୍କ ପାଇଁ ବ୍ଲକ ଘର ବ୍ୟବସ୍ଥା, ଜଳ ନିଷ୍କାସନ ଲାଗି ନାଳ ବ୍ୟବସ୍ଥା, ବୈଦଗୁଡାରେ ଥିବା ଏକମାତ୍ର କୁଅର ପୁନରୁଦ୍ଧାର, ଇନ୍ଦିରା କଲୋନି ପ୍ରାଥମିକ ବିଦ୍ୟାଳୟର ବିକାଶ ନେଇ ତାଲିକାରେ ଉଲ୍ଲେଖ ରହିଛି। ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀଯାଏ ୩ଟି ଶ୍ରେଣୀଗୃହ ରହିଛି । ଛାତ୍ରୀଛାତ୍ରଙ୍କ ପାଇଁ ଅତିରିକ୍ତ ଶ୍ରେଣୀ ଗୃହର ଆବଶ୍ୟକତା ରହିଛି। ଗ୍ରାମ ଶ୍ମଶାନର ଟେଣ୍ଡର ହୋଇଥିଲେ ମଧ୍ୟ ଏଯାଏ କାର୍ଯ୍ୟ ହୋଇନାହିଁ । ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ୱାର୍ଡର ତାପସ ପଣ୍ଡା, ଅଜିତ ଗଣ୍ଡା, ତୁଳାରାମ ଜାନୀ, ଘାସିରାମ ମୁଦୁଲି, ଗଙ୍ଗାଧର ମୁଦୁଲି ସରପଞ୍ଚଙ୍କୁ ଅବଗତ କରାଇଛନ୍ତି।

### ଜିଲା ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କୋରାପୁଟ,୧୧।୮ (ଅମିତାଭ ବେହେରା)

୩ଦଫା ଦାବି ନେଇ କୋରାପୁଟ ଜିଲା ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ ଡାକରାରେ ସଂଘର ଏକ ଶୋଭାଯାତ୍ରା ସ୍ଥାନୀୟ ସାଂସ୍କୃତିକ ପରିଷଦରୁ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ସଂଘ ସଭାପତି ତ୍ରିନାଥ ହରିଜନ ଏବଂ ସମ୍ପାଦକ ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ୧୪ଟି ବ୍ଲକରୁ ବହୁ ସଂଖ୍ୟାରେ ଶିକ୍ଷକମାନେ ଏଥିରେ ଯୋଗଦେଇଥିଲେ।

# ଚାକିରି ନିୟମିତ ଦାବିରେ ଧାରଣାରେ ବସିବେ

### ଅବିଭକ୍ତ କୋରାପୁଟ ଜିଲା ଯୋଗାଣ ସହାୟକ ସଂଘ ବୈଠକ

ଜୟପୁର/କୁନ୍ଦୁରା,୧୧।୮
(ପବନ ପାଣିଗ୍ରାହୀ/ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା ଜୟପୁର ବ୍ଲକ ଟାଙ୍କୁଆ ପଞ୍ଚାୟତ ସଦର ମହକୁମାରେ ଅବିଭକ୍ତ କୋରାପୁଟ ଜିଲା ଯୋଗାଣ ସହାୟକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୋଗାଣ ସହାୟକମାନଙ୍କୁ ନିୟମିତ କରିବା ନେଇ ୪ ଜିଲା କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଏବଂ ମାଲକାନଗିରିରୁ ଶତାଧିକ ଯୋଗାଣ ସହାୟକ ବୈଠକରେ ଯୋଗ ଦେଇଥିଲେ। ୨୦୧୨ରୁ ସରକାରଙ୍କ ବିଜ୍ଞପ୍ତି ଅନୁସାରେ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ଚୁକ୍ତିଭିତ୍ତିକ ଭାବେ ଯୋଗାଣ ସହାୟକମାନେ ନିଯୁକ୍ତ ହୋଇଥିଲେ। ସରକାରଙ୍କ ନିୟମ ଅନୁସାରେ ୬ ବର୍ଷ ପରେ ସେମାନଙ୍କୁ ନିୟମିତ କରିବା ପରିବର୍ତ୍ତେ ଏଯାଏ ସରକାର ନିୟମିତ କରିନାହାନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପୂର୍ବତନ ସଚିବ ମଧୁସୂଦନ ପାଢୀଙ୍କ ଚିଠି ସଂଖ୍ୟା ୨୧।୪।୨୦୧୨, ପତ୍ରସଂଖ୍ୟା ୭୦୪୦ରେ ଉଲ୍ଲେଖ କରାଯାଇଛି ଯେ, ଯୋଗାଣ ସହାୟକମାନେ ଚୁକ୍ତିଭିତ୍ତିକ ନିଯୁକ୍ତ ପାଇଛନ୍ତି। ସେମାନଙ୍କୁ ମାସିକ ୩୫୦୦ରୁ ଆରମ୍ଭକରି ବର୍ତ୍ତମାନ ୬୦୦୦ ଟଙ୍କା ପର୍ଯ୍ୟନ୍ତ ପ୍ରାପ୍ୟ ପ୍ରଦାନ କରାଯାଉଛି। ଗ୍ରାମ ପଞ୍ଚାୟତ ସ୍ତରରେ ବିଭିନ୍ନ ଯୋଜନା ସମ୍ପୂର୍ଣ୍ଣ କରିବା ଲାଗି ଯୋଗାଣ ସହାୟକମାନଙ୍କୁ ନିୟୋଜିତ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ନିର୍ମାଣ ଦାୟିତ୍ୱରୁ ଆରମ୍ଭକରି ବୃଦ୍ଧାବୃଦ୍ଧଙ୍କୁ ପେନ୍‌ସନ ବଣ୍ଟନ ପର୍ଯ୍ୟନ୍ତ ସମସ୍ତ ପ୍ରକାର କାର୍ଯ୍ୟରେ ସେମାନଙ୍କୁ ନିୟୋଜିତ କରାଯାଉଛି। ଗତ କରୋନା ସମୟରେ ସରକାର କିମ୍ବା ଯୋଗାଣ ବିଭାଗ ପକ୍ଷରୁ କୌଣସି ସୁରକ୍ଷା ନ ଦେଇ ଖାଉଟି ସାମଗ୍ରୀ ବଣ୍ଟନ କରିବାକୁ ସେମାନଙ୍କୁ ନିର୍ଦ୍ଦେଶ କରାଗଲା। ତାକୁ ମଧ୍ୟ ଯୋଗାଣ ସହାୟକମାନେ ମାନି ଦାୟିତ୍ୱ ନିର୍ବାହ କରିଥିଲେ। ଏହା ସତ୍ତ୍ୱେ ସରକାର ସେମାନଙ୍କ ପ୍ରତି କୌଣସି ପଦକ୍ଷେପ ଗ୍ରହଣ ନ କରିବା ଦୁଃଖଦାୟକ ବୋଲି ଯୋଗାଣ ସହାୟକ ସଂଘ ପକ୍ଷରୁ କୁହାଯାଇଛି। ସେମାନଙ୍କ ଦାବି ସମ୍ପର୍କରେ ସେମାନେ ଉପଜିଲାପାଳ, ଜିଲା ଯୋଗାଣ ଅଧିକାରୀ, ଜିଲାପାଳ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ, ସଚିବ, ୫-ଟି ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଫଳରେ ଆସନ୍ତା ୨୦ରୁ ୨୫ ତାରିଖ ମଧ୍ୟରେ ନିଖିଳ ଓଡ଼ିଶା ଯୋଗାଣ ସହାୟକ ସଂଘ ପକ୍ଷରୁ ନବୀନ ନିବାସ ଏବଂ ଲୋୟର ପିଏମ୍‌ଜିଠାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ପଣ୍ଡା, ଚନ୍ଦନ ନାୟକ, ପ୍ରଦୀପ୍ତ ଟାକ୍ରି, ଗୀତାଞ୍ଜଳି ମିଶ୍ର, ରଶ୍ମି ତ୍ରିପାଠୀ, ମାଲକାନଗିରି ଜିଲା ସଭାପତି ସୁବୋଧ ସରକାର,ନବରଙ୍ଗପୁର ଜିଲା ସଭାପତି ପ୍ରମୋଦ ମଲ୍ଲିକ, ଲିପୁ ମହାପାତ୍ର,ସରୋଜ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଯୋଗାଣ ସହାୟକମାନେ।

# ପୂର୍ବତନ ଜନ ପ୍ରତିନିଧିମାନଙ୍କୁ ଅସମ୍ମାନିତ କଲେ ବିଡିଓ

### କାର୍ଯ୍ୟାନୁଷ୍ଠାନ ଦାବିକରି ଜିଲା ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଭେଟିଲେ

ମାଲକାନଗିରି,୧୧।୮
(ଦୁର୍ଯ୍ୟୋଧନ ପାତ୍ର/ନୃସିଂହ ଚରଣ ମହାନ୍ତି)



ଜିଲା ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଭେଟିବାକୁ ଆସିଥିବା ଜନ ପ୍ରତିନିଧିମାନେ।

ଜଣେ ଅନୁସୂଚିତ ଜନଜାତି ପଦାଧିକାରୀ ଅନୁସୂଚିତ ଜନଜାତିଙ୍କ ଶତ୍ରୁ ପାଲଟିଛନ୍ତି। ମାଲକାନଗିରି ବ୍ଲକ ପୂର୍ବତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଜୟ ପ୍ରଧାନଙ୍କ ବିରୋଧରେ ୧୯ଟି ପଞ୍ଚାୟତର ସରପଞ୍ଚମାନେ ଅଭିଯୋଗ ଆଣି ସେ ସମୟରେ ତାଙ୍କର ବଦଳି ଦାବି କରିଥିଲେ। ପ୍ରଧାନ ସରପଞ୍ଚମାନଙ୍କୁ ବିଭିନ୍ନ ସମୟରେ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ୧୯ ପଞ୍ଚାୟତର ସରପଞ୍ଚମାନଙ୍କ ଦାବି ଯୋଗୁ ଶେଷରେ ପ୍ରଧାନଙ୍କୁ ମାଲକାନଗିରି ବ୍ଲକରୁ ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ଗତ ଏକମାସ ହେଲା ପ୍ରଭାତି ଝଡିଆ ଯୋଗ ଦେଇଛନ୍ତି। ମାତ୍ର ଗୁରୁବାର ମାଲକାନଗିରି ବ୍ଲକ ଗୋରାଖୁଣ୍ଟା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଏରା ପଡିଆମି, ଗ୍ରାମସାଥୀ ଜୟଦେବ ବାଛାଡ, ଏମ୍‌ପିଭି-୨ ଗ୍ରାମର ପୂର୍ବତନ ୱାର୍ଡମେମ୍ବର ଗୋପାଳ ମଣ୍ଡଳ ଓ ପୋନାରଗୁଡା ଗ୍ରାମର ଯୁବନେତା ଭିମା ପଡିଆମିଙ୍କୁ ବିଡିଓ ଝଡିଆ ଅସମ୍ମାନ ସହ ଅପମାନିତ କରିଥିବା ଶୁକ୍ରବାର ଅଭିଯୋଗ ହୋଇଛି। ସେମାନେ ଏନେଇ ଜିଲା ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅନୁସୂଚିତ ଜନଜାତି ପଦାଧିକାରୀ ଅନୁସୂଚିତ ଜନଜାତିଙ୍କ ଶତ୍ରୁ ବୋଲି ପୂର୍ବତନ ସରପଞ୍ଚ ଏରା ପଡିଆମି କହିଛନ୍ତି।

ପ୍ରଦତ ଦାବିପତ୍ରରେ ଉଲ୍ଲେଖ ରହିଛି, ଗୁରୁବାର ଗୋରାଖୁଣ୍ଟା ଗ୍ରାମ ପଞ୍ଚାୟତର ଏମ୍‌ପିଭି-୨ ଗ୍ରାମର ୬ଟି ପରିବାର ଓଡିଶା ସରକାରଙ୍କ ମୋ ଘର ଯୋଜନାରେ ଜନସେବା କେନ୍ଦ୍ରରେ ସଂଯୋଗ ହୋଇପାରି ନ ଥିବାରୁ ଏହାର ସମାଧାନ ଲାଗି ମାଲକାନଗିରି ବିଡିଓ ଝଡିଆଙ୍କୁ ଜଣାଇବାକୁ ଯାଇଥିଲେ। ପରେ ବିଡିଓ ଫୋନ୍ ଯୋଗେ ଅନ୍ୟ କର୍ମଚାରୀଙ୍କ ସହ ମୋ ଘର ଯୋଜନା ସମ୍ପର୍କରେ କଥାବାର୍ତ୍ତା ହୋଇଥିଲେ। ଉକ୍ତ କାର୍ଯ୍ୟାଳୟର ଜଣେ କର୍ମଚାରୀ ଏହି ୪ଜଣ ଜନ ପ୍ରତିନିଧିଙ୍କୁ ବସିବା ପାଇଁ କହିବାରୁ ୪ଜଣ ନିକଟରେ ଏକ ବେଞ୍ଚରେ ବସିଥିଲେ। ପରେ ବିଡିଓ ମୋ ଘର ସମ୍ପର୍କରେ ସେମାନଙ୍କ ସହ କଥା ହେବା ପରେ କହିଲେ ଏପରି କେବେ ମୋ ସମ୍ମୁଖରେ ବସିବ ନାହିଁ। ଏଇଟା ତମ ଘର ନୁହେଁ। ଫଳରେ ସମ୍ପୃକ୍ତ ଜନ ପ୍ରତିନିଧିମାନେ ଦୁଃଖରେ ଫେରିଥିଲେ। ଏ ସମ୍ପର୍କରେ ଶୁକ୍ରବାର ଜିଲା ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଜନ ପ୍ରତିନିଧିମାନେ ଏକ ଦାବିପତ୍ର ଦେଇଛନ୍ତି। ଏନେଇ ଜିଲା ପରିଷଦ ନିର୍ବାହୀ ଅଧିକାରୀ ରତ୍ନାକର ସାହୁଙ୍କୁ ପଚାରିବାରୁ ସେ କହିଲେ, ଜଣେ ଉଚ୍ଚ ପଦାଧିକାରୀ ଜନପ୍ରତିନିଧିମାନଙ୍କ ସହ ଏପରି ବ୍ୟବହାର କରିଥିବା ପୂର୍ବତନ ସରପଞ୍ଚ ଓ ଅନ୍ୟ ଜନ ପ୍ରତିନିଧିମାନେ ଅଭିଯୋଗ କରିଛନ୍ତି। ଯଦି ଏପରି ହୋଇଥାଏ ତେବେ ଏହା ଠିକ୍ ନୁହେଁ। ଏ ସମ୍ପର୍କରେ ତଦନ୍ତ କରି ଜନ ପ୍ରତିନିଧିମାନଙ୍କୁ ନ୍ୟାୟ ପ୍ରଦାନ କରାଯିବ ବୋଲି ସାହୁ କହିଥିଲେ। ଅନ୍ୟ ପକ୍ଷରେ ଶୁକ୍ରବାର ଜିଲା କଂଗ୍ରେସ କମିଟି ଏହି ଘଟଣାକୁ ନେଇ ଜିଲାପାଳଙ୍କୁ ଅବଗତ କରି ସମ୍ପୃକ୍ତ ବିଡିଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛି। ଏହି ସମୟରେ କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ଜି. ଶ୍ରୀନିବାସ ରାଓ, ଶରତ ଚନ୍ଦ୍ର ବୁରୁଦାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

**ଗଞ୍ଜେଇ ଚାଲାଣ ବେଳେ ୩ ଧରାପଡ଼ିଲେ**

ଜୟପୁର,(ପବନ ପାଣିଗ୍ରାହୀ) - ଗଞ୍ଜେଇ ଚୋରାଚାଲାଣ ବେଳେ ଜଣେ ମହିଳାଙ୍କ ସହ ଜଣେ ନାବାଳିକା ଓ ଜଣେ ନାବାଳକଙ୍କୁ ଶୁକ୍ରବାର ପୋଲିସ ଧରିଛି। ମହିଳା ଜଣକ ହେଲେ ଧନ ପତି (୩୩)। ବାରିଣପୁଟଠାରେ ମହିଳା ଓ ଦୁଇ ନାବାଳିକା ଓ ନାବାଳକଙ୍କୁ ସନ୍ଦେହରେ ଅଟକାଇ ସେମାନଙ୍କ ବ୍ୟାଗ ଯାଞ୍ଚ କରିବାରୁ ୩୬ କେଜି ଗଞ୍ଜେଇ ମିଳିଥିଲା। ଏମାନେ ୨ ମାସ ହେବ ହରିୟାଣାରୁ ଆସି ଏଠାରେ ରହୁଥିଲେ। ବଞ୍ଜରା ଭଳି ରହି ଗଞ୍ଜେଇ କାରବାର କରୁଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ମହିଳାଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ନାବାଳିକା ଓ ନାବାଳକଙ୍କୁ ଜୁଭେଲାଇନ ଜଷ୍ଟସ ବୋର୍ଡରେ ହାଜର କରାଯାଇଛି।

## ସଂକ୍ଷେପରେ

### ପିକ୍‌ଅପ୍‌-ଟ୍ରକ ଧକ୍କା, ଜଣେ ଗୁରୁତର

ପାପଡ଼ାହାଣ୍ଡି/ମଇଦଲପୁର, ୧୧।୮ (ସ୍ୱପ୍ନଜିତ ପଟ୍ଟନାୟକ/ସଦାଶିବ ଦାସ)

ପାପଡ଼ାହାଣ୍ଡି ବ୍ଲକ ଦେଇଯାଇଥିବା ୨୬ ନମ୍ବର ଜାତୀୟ ରାଜପଥର ଆମପାଣି ଘାଟିର ଖଡ଼କା ନିକଟରେ ପିକ୍‌ଅପ୍‌-ଟ୍ରକ ମୁହାଁମୁହିଁ ହୋଇ ଜଣେ ଗୁରୁତର ଅଛନ୍ତି। ସେ ହେଲେ ପିକ୍‌ଅପ୍ ଡ୍ରାଇଭର ଯୋଗେଶ ସାହୁ। ତାଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ ବଲାଙ୍ଗୀର ଅଞ୍ଚଳର ଯୋଗେଶ ନିଜ ପିକ୍‌ଅପ୍ (ଓଡି-୦୩ପି-୧୪୯୭)ରେ ଧୂପକାଠି ବିକ୍ରି କରିବାକୁ ମଇଦଲପୁର ଆସିଥିଲେ। ସେ ଫେରିବାବେଳେ ଖଡ଼କା ଘାଟିରେ କଟକରୁ ଜୟପୁର ଯାଉଥିବା ଟ୍ରକ୍ (ଓଡି-୦୨ସିକେ-୪୬୩୦) ସହ ଧକ୍କା ହୋଇଥିଲା। ମଇଦଲପୁର ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲା। ଅଗ୍ନିଶମ ବାହିନୀ ଓ ପୋଲିସ ମିଳିତଭାବେ ଗାଡ଼ିଗୁଡ଼ିକୁ ରାସ୍ତାରୁ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

### ଏମ୍‌ଜିଏନ୍‌ଆର୍‌ ଇଜିଏସ୍‌ର ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ପାପଡ଼ାହାଣ୍ଡି ୧୧।୮ (ସ୍ୱପ୍ନଜିତ ପଟ୍ଟନାୟକ)

ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟର ସଭାଗୃହରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ କରାଯାଇଛି। ବିଡିଓ ଦିବାକର ବାଗଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସାମାଜିକ ସମୀକ୍ଷା କରାଯାଇଥିଲା। ଭିଆର୍‌ପି ପ୍ରତି ପଞ୍ଚାୟତ ଯାଇ ସମୀକ୍ଷା କରିଥିଲେ। ଜିଲା ପରିଷଦ ସଭାପତି ମାଡ଼ିରାମ ନାୟକ, ନବରଙ୍ଗପୁର ଏପିଡି ଦୁର୍ଯ୍ୟୋଧନ ଭୋଇ, ପବ୍ଲିକ ହିଅରିଂ କମିଟି ସଦସ୍ୟ ଜି.ଅନନ୍ତ ମୂର୍ତ୍ତି, ପ୍ରତାପରୁଦ୍ର ବେଣ୍ଟୁ, ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ଉପାଧ୍ୟକ୍ଷ ସୁଶାନ୍ତ ବେହେରା ମଞ୍ଚାସୀନ ଥିଲେ। ଉଦ୍ୟାନ, ଜଙ୍ଗଲ, ମୃତ୍ତିକା



ଓ ଆରିଡିଏ ବିଭାଗର ହୋଇଥିବା କାର୍ଯ୍ୟର ସମୀକ୍ଷା ମଧ୍ୟ କରାଯାଇଥିଲା। ବିପିସି ଶଶିକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

### ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ

ତେନ୍ତୁଳିଖୁଣ୍ଟି, ୧୧।୮ (ଚିଦାନନ୍ଦ ସାହୁ)

ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ବିଡିଓ ମନୋଜ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ କରାଯାଇଛି। ପ୍ରତ୍ୟେକ ପଞ୍ଚାୟତର ଅମୃତ ସରୋବର ଚାରିପାଖରେ ୭୫ଟି ଲେଖାଏ ଚାରା ଲଗାଇବା, ପଞ୍ଚାୟତରେ ଶହୀଦ ପରିବାର ଥିଲେ ସେମାନଙ୍କୁ ସମ୍ମାନିତ କରାଯିବାକୁ ସ୍ଥିର ହୋଇଛି। ପଞ୍ଚାୟତର ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ବ୍ଲକସ୍ତରୀୟ କାର୍ଯ୍ୟକ୍ରମ କରାଯିବ। ପ୍ରତ୍ୟେକ ପଞ୍ଚାୟତର କଳସରେ ମାଟି ସଂଗ୍ରହ କରି ବ୍ଲକକୁ ଆଣି ଜିଲାକୁ ପଠାଯିବ। ଶିଳା ଫଳକମ, ପଞ୍ଚ ପ୍ରାଣ ପ୍ରତିଶ୍ରୁତି, ବସୁଧା ବନ୍ଦନା, ବୀରଙ୍କ ବନ୍ଦନା, ଜାତୀୟ ସଙ୍ଗୀତ ଗାନ ସହ ଗାଁ ପରିକ୍ରମା କରାଯିବା। ବୈଠକରେ ଜିଲା ପରିଷଦ ସଭ୍ୟ ରତିକାନ୍ତ ପଣ୍ଡା, ଚେୟାରମ୍ୟାନ ନିଳାଦ୍ରୀ ନାୟକ, ଭାଇସ ଚେୟାରମ୍ୟାନ ରାଜେନ୍ଦ୍ର ବିଷୋୟୀ ଉପସ୍ଥିତ ଥିଲେ।

# ଅବ୍ୟବସ୍ଥାରେ ଚାଲିଛି ଅଙ୍ଗନୱାଡି କେନ୍ଦ୍ର

**ପିଲାମାନଙ୍କୁ ସ୍କୁଲ ଯିବା ପୂର୍ବରୁ ଶୈକ୍ଷିକ ବାତାବରଣ ସହ ପରିଚିତ କରାଇବାକୁ ଅଙ୍ଗନୱାଡି କେନ୍ଦ୍ର ବଳିଷ୍ଠ ଭୂମିକା ଗ୍ରହଣ କରେ। ସରକାରଙ୍କ ପକ୍ଷରୁ ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ଶିଶୁମାନଙ୍କୁ ପ୍ରାକ ବିଦ୍ୟାଳୟ ଶିକ୍ଷାଦାନ ସହ ସୁଷମ ଖାଦ୍ୟ ବଣ୍ଟନ ବ୍ୟବସ୍ଥା କରାଯାଇଛି। ଅଙ୍ଗନୱାଡି କେନ୍ଦ୍ରରେ ଶିକ୍ଷାଦାନ ସହ ଗର୍ଭବତୀ ମହିଳା, ନବଜାତ ଶିଶୁଙ୍କୁ ଟୀକାକରଣ ଓ ପୁଷ୍ଟିକର ଖାଦ୍ୟ ଯଥା ଅଣ୍ଡା, ଛତୁଆ, ବାହାମ ଲଡ୍ଡୁ ଆଦି ଯୋଗାଇ ଦେଉଛନ୍ତି। କିନ୍ତୁ ନବରଙ୍ଗପୁର ଜିଲାର କେତେକ ଅଙ୍ଗନୱାଡି କେନ୍ଦ୍ରରେ ଅବ୍ୟବସ୍ଥା ଦେଖାଦେଇଛି। କେଉଁଠି ଅସ୍ୱାସ୍ଥ୍ୟକର ପରିବେଶରେ କେନ୍ଦ୍ର ଚାଲିଛି ତ କେଉଁଠି ସରକାର ଯୋଗାଇ ଦେଉଥିବା ପୁଷ୍ଟିକାର ଖାଦ୍ୟ ହିତାଧିକାରୀଙ୍କୁ ଠିକ୍‌ଭାବେ ମିଳିପାରୁନି।**



ଅଭିଯୋଗ ଜଣାଇବାକୁ ଆସିଥିବା ମହିଳାମାନେ।



ନନ୍ଦାହାଣ୍ଡି ବ୍ଲକ ନୂଆଗୁଡ଼ା ଅଙ୍ଗନୱାଡି ସମ୍ମୁଖରେ ଥିବା ଗୋବର ଖାତ।

### ୬ ମାସରେ ମିଳିଛି ଛଅ ଅଣ୍ଡା

ନବରଙ୍ଗପୁର, ୧୧।୮ (ସଦାଶିବ ପ୍ରହରାଜ)

ପାପଡ଼ାହାଣ୍ଡି ବ୍ଲକର ମହେନ୍ଦ୍ରୀ ୧୦ ନଂ ଅଙ୍ଗନୱାଡି କେନ୍ଦ୍ର ଅବ୍ୟବସ୍ଥାରେ ଚାଲିଥିବା ହିତାଧିକାରୀ ଅଭିଯୋଗ କରିଛନ୍ତି। ହିତାଧିକାରୀ ପୁଷ୍ପାଞ୍ଜଳୀ ପୂଜାରୀ, ଉମ୍ବରୁ ଜାନୀ, ପ୍ରଭାତି ଜାନୀ, କୁନ୍ଦନ ଜାନୀ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସେମାନଙ୍କୁ ନିୟମିତ ଅଣ୍ଡା ଓ ଛତୁଆ ମିଳୁ ନ ଥିବା ଅଭିଯୋଗ କରିଛନ୍ତ। ହିତାଧିକାରୀ ପ୍ରଭାତୀ ଜାନୀ ତାଙ୍କର ୬ ମାସର ଶିଶୁ କନ୍ୟା ଅଛି। ୬ ମାସରେ ମାତ୍ର ୬ଟି ଅଣ୍ଡା ମିଳିଛି ବୋଲି ସେ କହିଛନ୍ତି। ଜୁନ୍ ମାସରେ ଗୋଟିଏ ମାତ୍ର ଛତୁଆ ପ୍ୟାକେଟ୍ ମିଳିଛି। ମମତା ଯୋଜନାରେ ମାତ୍ର ୧୯୦୦ ଟଙ୍କା ମିଳିଥିବାବେଳେ ଆଉ ବଳକା ଟଙ୍କା ମିଳିନି ବୋଲି ଅଭିଯୋଗ ହୋଇଛି। ଝିଅ ସ୍ୱାଗତୀକା ମାଝି (୫) ଅଙ୍ଗନୱାଡିରେ ପଢୁଥିବାବେଳେ ତାଙ୍କୁ ନିମ୍ନ ମାନର ଲଡ୍ଡୁ ଖାଇବାକୁ ଦିଆଯାଇଛି ବୋଲି ପୁଷ୍ପା ପୂଜାରୀ ଅଭିଯୋଗ କରିଛନ୍ତି। ଦୁଷ୍ଟ ହେଉଛି ବୋଲି କହି ତାଙ୍କ ୩ ବର୍ଷର ପୁଅକୁ ଅଙ୍ଗନୱାଡି କେନ୍ଦ୍ର ମନା କରାଯାଇଛି। ଖାଦ୍ୟ ବି ଦିଆଯାଉନାହିଁ। ମମତା ଯୋଜନାରେ ମାତ୍ର ୨୫ଶହ ଟଙ୍କା ମିଳିଛି। ବଳକା ଟଙ୍କା ଆଜି ପର୍ଯ୍ୟନ୍ତ ମିଳିପାରିନି ବୋଲି କହିଛନ୍ତି ଅଭିଯୋଗକାରୀମାନେ କହିଛନ୍ତି। ଏନେଇ ସିଡିପିଓ ଏସ୍. ଗୀତାଙ୍କୁ ପଚାରିବାରୁ ଘଟଣା କଣ ହୋଇଛି ପଚାରି ବୁଝିବି ବୋଲି କହିଛନ୍ତି।

### କେନ୍ଦ୍ର ଆଗରେ ଗୋବର ଖାତ

ନନ୍ଦାହାଣ୍ଡି, ୧୧।୮ (ପ୍ରତୀପ କୁମାର ଦାଶ)

ନନ୍ଦାହାଣ୍ଡି ବ୍ଲକ ପୋଡାଲଗୁଡା ପଞ୍ଚାୟତ ଅଧୀନ ନୂଆଗୁଡା ଅଙ୍ଗନୱାଡି କେନ୍ଦ୍ର ସାମନାରେ ଜଣେ ସ୍ଥାନୀୟ ଅଧିବାସୀ ବିରାଟ ଗୋବର ଖାତ ତିଆରି କରିଛନ୍ତି। ବହୁତ ପରିମାଣର ଗୋବର ଜମାହୋଇ ରହିଥିବାବେଳେ ବର୍ଷା ପାଣିରେ ଭିଜି ଅଙ୍ଗନୱାଡି କେନ୍ଦ୍ର ପରିସରରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ପାଖରେ ପ୍ରାଥମିକ ବିଦ୍ୟାଳୟ ରହିଥିବାବେଳେ ବିଦ୍ୟାଳୟ ପରିସର ମଧ୍ୟ ଦୁର୍ଗନ୍ଧମୟ ହେଉଛି। ତେବେ ଅଙ୍ଗନୱାଡି କେନ୍ଦ୍ର ସାମନା ସରକାରୀ ଜମିରେ ଏଭଳି ବେଆଇନ ଗୋବର ଖାତ କରିଥିବା ବ୍ୟକ୍ତି କିଏ ତାହା ଜଣାପଡି ନାହିଁ। ଏବେ କିନ୍ତୁ ଏହାକୁ ବନ୍ଦ କରିବାର ଚେଷ୍ଟା ମଧ୍ୟ ପ୍ରଶାସନ କରୁନି। ସୁପରଭାଇଜରମାନେ ପ୍ରତ୍ୟେକ ଅଙ୍ଗନବାଡି କେନ୍ଦ୍ରକୁ ଯାଇ ସେଠାକାର ସମସ୍ୟା ବୁଝି ତାହାର ସମାଧାନ କରିବାର ନିୟମ ଥିବାବେଳେ ସୁପରଭାଇଜର ସେହି କେନ୍ଦ୍ରକୁ ପରିଦର୍ଶନରେ ଯାଉ ନଥିବା ପ୍ରତୀତ ହେଉଛି। ଏ ନେଇ ନନ୍ଦାହାଣ୍ଡି ବ୍ଲକ ସିଡିପିଓ ସସ୍ମିତା ମହାନ୍ତିଙ୍କୁ ପଚାରିବାରୁ ଏହି ବିଷୟରେ ସ୍ଥାନୀୟ ସରପଞ୍ଚଙ୍କୁ ଜଣାଇବା ସହ ସେଠାରୁ ଗୋବର ହଟେଇବା ବ୍ୟବସ୍ଥା କରିବେ ବୋଲି ସେ କହିଛନ୍ତି।

## ହରିଣ ପାର୍କର ନବୀକରଣ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଏମ୍‌ପି

ନବରଙ୍ଗପୁର, ୧୧।୮ (ସଦାଶିବ ପ୍ରହରାଜ)



ପାପଡାହାଣ୍ଡି ହରିଣ ପାର୍କର ନବୀକରଣ ପାଇଁ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି କେନ୍ଦ୍ର ଜଙ୍ଗଲ ଓ ପରିବେଶ, ଶ୍ରମ ଓ ନିଯୁକ୍ତି ବିଭାଗ ମନ୍ତ୍ରୀ ଭୁପେନ୍ଦ୍ର ଯାଦବଙ୍କୁ ଅନୁରୋଧ କରିଛନ୍ତି। ପାପଡାହାଣ୍ଡି ହରିଣ ପାର୍କ ଜଙ୍ଗଲରେ ଥିବା ଏକ ପ୍ରାକୃତିକ ପରିବେଶ ମଧ୍ୟରେ ଅବସ୍ଥିତ। ହରିଣମାନଙ୍କ ରହିବା ପାଇଁ ଉକ୍ତ ସ୍ଥାନ ସୁଗମ। ଏହା ବହୁ ସଂଖ୍ୟକ ପର୍ଯ୍ୟଟକ ଏବଂ ପ୍ରକୃତିପ୍ରେମୀଙ୍କୁ ମଧ୍ୟ ଆକର୍ଷିତ କରୁଛି। ତେଣୁ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରାଳୟ ହରିଣ ପାର୍କ ତଥା ମିନି ପ୍ରାଣୀ ଉଦ୍ୟାନ ନବୀକରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଏପରି ହେଲେ ଏହି ଅଞ୍ଚଳର ଅର୍ଥନୈତିକ ବିକାଶ ସମ୍ଭବ ହେବ ବୋଲି ଏମ୍‌ପି ମନ୍ତ୍ରୀଙ୍କୁ କହିଛନ୍ତି।

## ବର୍ଷେ ପରେ ମନେପଡିଲା ଓଡ଼ିଆରେ ନାମଫଳକ ଲେଖା

**ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନକୁ ନୋଟିସ୍ କରିଛି ଶ୍ରମ ବିଭାଗ**

ମାଲକାନଗିରି, ୧୧।୮ (ଦୁର୍ଯ୍ୟୋଧନ ପାତ୍ର)




ଏକ ସରକାରୀ କାର୍ଯ୍ୟକ୍ରମରେ ଇଂଲିଂଶ୍‌ରେ ଲେଖାଯାଇଥିବା ନାମଫଳକ।

ବ୍ୟବସାୟ ପ୍ରତିଷ୍ଠାନରେ ଓଡିଆରେ ନାମଫଳକ ଲେଖାକୁ କଡାକଡି ଲାଗୁ କରିବା ଲାଗି ମାଲକାନଗିରିରେ ଆରମ୍ଭ ହୋଇଛି ସଚେତନତା ଅଭିଯାନ। ଏକବର୍ଷ ତଳେ ରାଜ୍ୟ ସରକାର ଏହି ନିୟମକୁ କଡାକଡି ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବର୍ଷକ ପରେ ଶ୍ରମ ବିଭାଗ ଶୁକ୍ରବାର ସହରରେ ବିଭିନ୍ନ ଅନୁଷ୍ଠାନରେ ଓଡିଆରେ ନାମଫଳକ ଲେଖିବା ନିୟମକୁ କଡାକଡି ଭାବେ ପାଳନ କରିବାକୁ ଗୁରୁତ୍ୱ ଦେଇଛି। ଏଥିସହ ୪୨ଟି ଦୋକାନକୁ ନୋଟିସ ଜାରି କରାଯାଇଛି। ଅନ୍ୟପକ୍ଷରେ ଶ୍ରମବିଭାଗର ଏପରି କାର୍ଯ୍ୟକୁ ବୁଦ୍ଧିଜୀବୀ ଓ ବ୍ୟବସାୟୀ ମହଲ ନାପସନ୍ଦ ରିଛନ୍ତି। ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀମାନେ ନିଜେ ସଚେତନ ନ ହୋଇ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଯଥା ବୈଠକ, କର୍ମଶାଳା, ତାଲିମ କାର୍ଯ୍ୟକ୍ରମରେ ପ୍ରସ୍ତୁତ ବ୍ୟାନରଗୁଡିକ ଓଡିଆରେ ନ ଲେଖି କାହିଁକି ଇଂରାଜୀରେ ଲେଖାଯାଉଛି ବୋଲି ପ୍ରଶ୍ନ ଉଠିଛି। ଶ୍ରମ ବିଭାଗ ପକ୍ଷରୁ ମାଲକାନଗିରି ପୌର ପରିଷଦ ଓ ବାଲିମେଳା ଏନ୍‌ଏସି ଅଞ୍ଚଳରେ ବିଭିନ୍ନ ଦୋକାନ ଯାଞ୍ଚ କରାଯାଇଛି। ମାଲକାନଗିରି ପୌର ପରିଷଦରେ ୨୨ଟି ଓ ଏନ୍‌ଏସିରେ ୨୦ଟି ଏପରି ୪୨ଟି ବ୍ୟବସାୟ ପ୍ରତିଷ୍ଠାନକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସାତଦିନ ମଧ୍ୟରେ ଆଖିକୁ ଦେଖାଯିବା ପରି ଓଡିଆରେ ନାମଫଳକ ଲେଖି ଏହାର ଫଟୋ ଶ୍ରମ ବିଭାଗ କାର୍ଯ୍ୟାଳୟରେ ଦାଖଲ କରିବାକୁ କୁହାଯାଇଛି। ନିୟମ ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲା ଶ୍ରମ ଅଧିକାରୀ ଶରତ ପାଣିଗ୍ରାହୀ କହିଛନ୍ତି। ଓଡିଆରେ ବଡ ଅକ୍ଷରରେ ନାମଫଳକ ଲେଖିବାକୁ କୁହାଯାଇ ଛୋଟ ବଡ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନକୁ ନୋଟିସ କରାଯାଇଥିବା ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ନିୟମ ଉଲ୍ଲଂଘନ କଲେ ଖିଲାପିଙ୍କ ବିରୋଧରେ ମାମଲା ରୁଜୁ ହେବ। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ୨୫ ହଜାର ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ ବୋଲି ଜିଲା ଶ୍ରମ ବିଭାଗର ସହକାରୀ ଶ୍ରମ ଅଧିକାରୀ ବିଷ୍ଣୁରଞ୍ଜନ କହଁର ଏବଂ ପୂର୍ଣ୍ଣିମା ଡୁରୁକା କହିଛନ୍ତି।

# ଜିଲାରେ ୧୬୦ ପଞ୍ଚାୟତରେ ମିଳିବ ବ୍ୟାଙ୍କିଙ୍ଗ୍ ସେବା




ଖବରଦାତା ସମ୍ମିଳନୀରେ ଡାବୁଗାଁ ବିଧାୟକ ଓ ଅନ୍ୟ ବିଜେଡି ନେତାମାନେ।

ନବରଙ୍ଗପୁର, ୧୧।୮ (ସଦାଶିବ ପ୍ରହରାଜ)

ପ୍ରତି ପଞ୍ଚାୟତରେ ବ୍ୟାଙ୍କିଙ୍ଗ୍ ସେବା ମିଳିବ। ନବରଙ୍ଗପୁର ଜିଲାରେ ୧୮୯ରୁ ମାତ୍ର ୨୬ ପଞ୍ଚାୟତରେ ବ୍ୟାଙ୍କିଙ୍ଗ୍ ସୁବିଧା ଥିଲା। ଏବେ ଆଉ ୧୬୦ ପଞ୍ଚାୟତରେ ବ୍ୟାଙ୍କ ଖୋଲିବ ବୋଲି ଡାବୁଗାଁ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମନୋହର ରନ୍ଧାରୀ ସର୍କିଟ ହାଉସରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ବିଧାୟକ ରନ୍ଧାରୀ କୃତଜ୍ଞତା ଜଣାଇଛନ୍ତି।

ଶୁକ୍ରବାର ରାଜ୍ୟ କ୍ୟାବିନେଟ ଓଡ଼ିଶାର ୪୩୭୩ ବ୍ୟାଙ୍କ ବିହୀନ ପଞ୍ଚାୟତରେ ୫୦୦ କୋଟି ଟଙ୍କା ବଜେଟରେ ୬ଟି ପବ୍ଲିକ ସେକ୍ଟର ବ୍ୟାଙ୍କ ଯଥା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହିତ ସମନ୍ୱୟ ରକ୍ଷାକରି ସିଏସ୍‌ପି ପ୍ଲସ୍ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ଖୋଲିବାର ଯୋଜନାକୁ ଅନୁମୋଦନ କରିଛନ୍ତି। ବ୍ୟାଙ୍କ ବିହୀନ ପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ ଶାଖାର ସ୍ଥାପନ କ୍ଷେତ୍ରରେ ଅଗ୍ରଗତି ଅତ୍ୟନ୍ତ ନଗଣ୍ୟ। ତେଣୁ ସିଏସ୍‌ପି ପ୍ଲସ୍ ବ୍ୟାଙ୍କିଙ୍ଗ୍ ଆଉଟଲେଟ ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତରେ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବା ପାଇଁ ଓଡ଼ିଶା ସରକାର ଆଗେଇ ଆସିଛନ୍ତି ବୋଲି ରନ୍ଧାରୀ କହିଛନ୍ତି। ବ୍ୟାଙ୍କିଙ୍ଗ୍ ସେବା ପାଇଁ ଓଡ଼ିଶା ସରକାର ୫ ବର୍ଷ ପର୍ଯ୍ୟନ୍ତ ନିଃଶୁଳ୍କ ଗୃହ ପ୍ରଦାନ କରିବେ। ଏହା ବ୍ୟତୀତ ଓଡ଼ିଶା ସରକାର ମଧ୍ୟ ଏକକାଳୀନ ସ୍ଥାୟୀ ଖର୍ଚ୍ଚ ଏବଂ ୩ ବର୍ଷ ପାଇଁ ଆବର୍ଜୀ ଖର୍ଚ୍ଚ ବହନ କରିବେ। ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଏବଂ ଗର୍ଭବତୀ ଡୋର ଷ୍ଟେପ୍ ବ୍ୟାଙ୍କିଙ୍ଗ୍ ସେବା ପାଇବେ। ଠିକ୍ ସମୟରେ ସରକାରଙ୍କ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର ଯୋଜନାର ସୁବିଧା ମଧ୍ୟ ପାଇପାରିବେ ବୋଲି ବିଧାୟକ କହିଛନ୍ତି। ଖବରଦାତା ସମ୍ମିଳନୀରେ ବିଜେଡି ସାଧାରଣ ସମ୍ପାଦକ ଆଶିଷ ରଞ୍ଜନ ପଟ୍ଟନାୟକ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଉପସଭାପତି ରବି ପଟ୍ଟନାୟକ, ଅବିଭକ୍ତ କୋରାପୁଟ ଜିଲା ସଂଯୋଜକ ତପୋଷ ତ୍ରିପାଠୀ, ପାପଡାହାଣ୍ଡି ବ୍ଲକ ସଭାପତି ବିଦ୍ୟା ମଲ୍ଲିକ, ନବରଙ୍ଗପୁର ନଗର ସଭାପତି ପ୍ରମୋଦ ରଥ, ପାପଡାହାଣ୍ଡି ବ୍ଲକ ଉପାଧ୍ୟକ୍ଷା ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଖାଦ୍ୟ ସୁରକ୍ଷା ଟିମ୍ ଯାଞ୍ଚ, ଗୋଟିଏ ଦୋକାନ ସିଲ

ନବରଙ୍ଗପୁର, ୧୧।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଖାଦ୍ୟ ସୁରକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ଖାଦ୍ୟ ନିରାପତା ଯାଞ୍ଚ କରିଛି। ନ୍ରମ ଖିଲାପକାରୀ ପାନ ଦୋକାନ, ମିଠା ଦୋକାନ ଓ ହୋଟେଲରୁ ୫ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ ସହ ଗୋଟିଏ ଦୋକାନ ସିଲ୍ କରାଯାଇଛି। ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ଓ ଖାଦ୍ୟ ସୁରକ୍ଷା ଟିମ୍ ମିଳିତଭାବେ ସହର ମଧ୍ୟରେ ଥିବା ବିଭିନ୍ନ ଦୋକାନ ଓ ହୋଟେଲରେ ଚଢ଼ାଉ କରିଥିଲା। ସେଠାରୁ ଗୁଟୁଖା, ତମାଖୁ ଜାତଦ୍ରବ୍ୟ ଏକ୍ସପାଇରୀ ଡେଟ ଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀ ଯାଞ୍ଚ ବେଳେ ମିଳିଥିଲା। ଯାଞ୍ଚ ସମୟରେ ସହଯୋଗ ନ କରି ଦୋକାନ ବନ୍ଦ କରି ଚାଲିଯାଇଥିବା ନୂଆ ବସଷ୍ଟାଣ୍ଡସ୍ଥିତ ତୀର୍ଥ ସାହୁଙ୍କ ଦୋକାନ ସିଲ୍ କରାଯାଇଛି। ଚଢ଼ାଉ ଟିମରେ ଡିପିଏଚ୍‌ଓ ଡ ଏନ୍.ଆର୍. ବେହେରା, ଖାଦ୍ୟ ସୁରକ୍ଷା ଅଧିକାରୀ ଅରୁଣ କୁମାର ମହାରଣା, ଏନସିଡି ସହକାରୀ ମ୍ୟାନେଜର ତରୁଣ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସାମାଜିକ ସମୀକ୍ଷା ୟୁନିଟ ପକ୍ଷରୁ ଚାରା ରୋପଣ

ମାଲକାନଗିରି, ୧୧।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସାମାଜିକ ସମୀକ୍ଷା ଟିମ୍ ପକ୍ଷରୁ ଚାରାରୋପଣ କରାଯାଇଛି। ଜିଲାର ସଦର ବ୍ଲକ ଅନ୍ତର୍ଗତ ପାଣ୍ଡ୍ରିପାଣି ପଞ୍ଚାୟତର ବିଜାପଦର ଗ୍ରାମରେ ଏହି କାର୍ଯ୍ୟକ୍ରମ ହୋଇଛି। ଏହି ସମୟରେ ଜିଲା ସାମାଜିକ ସମୀକ୍ଷକ ସୁବ୍ରତ ସାମଲ, ବ୍ଲକ ସାମାଜିକ ସମୀକ୍ଷକ ଟି. ମୁରଲୀକ୍ରିଷ୍ଣା, ସଂଗ୍ରାମ କେଶରୀ ମହାଲିକ, ବେଲାଲସେନ ଗୁଣ୍ଟା, ମହେନ୍ଦ୍ର କପେ, ରାକେଶ ଦାସ, ସଲିମଧର ସଗଡିଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କାଜୁ ଚାରା ରୋପଣ କରା ଯାଇଥିଲା।

## ଆଦର୍ଶ ବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଉଦ୍‌ଘାଟିତ

କୁଡୁମୁଲୁଗୁମ୍ମା, ୧୧।୮ (ସୁଜିତ ପଟ୍ଟନାୟକ)

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମା ନିକଟସ୍ଥ ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟ ପରିସରରେ ଶୁକ୍ରବାର ନବନିର୍ମିତ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଉଦ୍‌ଘାଟିତ ହୋଇଛି। ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିମ୍ବ କିର୍ସାନୀ ଏହି ଛାତ୍ରୀନିବାସକୁ ଉଦ୍‌ଘାଟନ କରିଥିଲେ। ଖଇରପୁଟ ଜୋନ୍ ଜିଲା ପରିଷଦ ସଭ୍ୟ ବଳି ମାଝୀ, ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ମହେଶ୍ୱର ସାହୁ, ସମାଜିକ କର୍ମୀ ଭଗବାନ ସାହୁ, ଫର୍ମାସିଷ୍ଟ ସଞ୍ଜୟ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପାନ୍ତ ଅଞ୍ଚଳରେ ଛାତ୍ରୀମାନଙ୍କ ଶିକ୍ଷାର ଉନ୍ନତି ଉଦ୍‌ଘାଟିତ ଛାତ୍ରୀନିବାସ ଅଧିକ କ୍ଷେତ୍ରରେ ଛାତ୍ରୀମାନଙ୍କୁ ପ୍ରଭାବିତ କରିବ ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ। ଏହାଦ୍ୱାରା କୁଡୁମୁଲୁଗୁମ୍ମା, ଖଇରପୁଟ, କୋରୁକୋଣ୍ଡା, ଚିତ୍ରକୋଣ୍ଡା ବ୍ଲକ ଅଞ୍ଚଳର ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀମାନେ ଉପକୃତ ହେବେ। ସୂଚନାଯୋଗ୍ୟ, ଏହି ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଏକବର୍ଷ ପୂର୍ବରୁ ନିର୍ମାଣ ସରିଥିଲେ ମଧ୍ୟ ପ୍ରଶାସନର ଅବହେଳା ଓ ଠିକାଦାରଙ୍କ ଅସହଯୋଗ ଯୋଗୁ ଛାତ୍ରୀନିବାସ ଏଯାଏ ଉଦ୍‌ଘାଟନ ହୋଇପାରି ନ ଥିଲା।




ଉଦ୍‌ଘାଟିତ ହୋଇଥିବା ଛାତ୍ରୀନିବାସ।

## ଯୁବକଙ୍କ ମୃତ୍ୟୁ, ପରିବାର ଆଣିଲା ହତ୍ୟା ଅଭିଯୋଗ

ରାଇଘର, ୧୧।୮ (କିରଣ ପଟ୍ଟନାୟକ)

କୁନ୍ଦେଇ ଥାନା ଅଧୀନରେ ଥିବା ତାରଙ୍ଗପୁରୀରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିବା ସହ ଥାନାରେ ଏତଲା ଦେଇଛନ୍ତି। ମୃତକ ହେଲେ ମହାଦେବ ମିସ୍ତ୍ରୀ (୫୦)। ସେ ବର୍ଷେ ହେବ ଭାରତମାଳା କାମରେ ରାଜମିସ୍ତ୍ରୀଭାବେ କାମ କରନ୍ତି। ମହାଦେବ ଏବଂ ତାଙ୍କ ସହ କାମ କରୁଥିବା ଜଣେ ଶ୍ରମିକ ରାମ ସ୍ୱରୂପ ମାରକମ ଛତିଶଗଡ଼ର ମାରାଂପୁରୀ ଗ୍ରାମକୁ ମଶାରୀ ପାଇଁ ଯାଇଥିଲେ। ସେଠାରେ ଉଭୟ ନିଶାପାନ କରି ଧନରା କ୍ୟାମ୍ପକୁ ଗାଡ଼ି ଧରି ଫେରୁଥିଲେ। ଏହି ସମୟରେ ଗାଡ଼ରୁ ପଡ଼ି ମହାଦେବଙ୍କ ମୃତ୍ୟୁ ହୋଇଥିବା ରାମସ୍ୱରୂପ କହିଛନ୍ତି। ପରିବାର ଲୋକେ ହତ୍ୟା ଅଭିଯୋଗ କରି ମୃତଦେହ ରଖି କ୍ଷତି ପୂରଣ ଓ ଠିକ୍ ତଦନ୍ତ କରିବା ନେଇ ଦାବି କରିଥିଲେ। ପୋଲିସ ସାଇଣ୍ଟିଫିକ ଟିମ୍ ସହ ତଦନ୍ତ କରି ପରିବାର ଲୋକଙ୍କୁ ବୁଝାଶୁଝା କରିଛନ୍ତି। କ୍ଷତିପୂରଣ ବାବଦକୁ ଠିକାଦାର ୭୦ହଜାର ଟଙ୍କା ଦେବେବୋଲି ଜାଣିବାପରେ ପରିବାର ଲୋକେ ବ୍ୟବଚ୍ଛେଦ ପାଇଁ ଅନୁମତି ଦେଇଥିଲେ। ଶୁକ୍ରବାର ମୃତ ସନ୍ଧ୍ୟ ୫ଟାରେ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। କୁନ୍ଦେଇ ପୋଲିସ ଏବଂ ସାଙ୍ଗରେ ଯାଇଥିବା ଶ୍ରମିକଙ୍କୁ ଅଟକେ ରଖି ତଦନ୍ତ ଚଳାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ସେଠୀ କହିଛନ୍ତି।

## ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା

ଡାବୁଗାଁ, ୧୧।୮ (ପ୍ରଜ୍ଞାରଞ୍ଜନ ପରିଡ଼ା)

ସ୍ୱାଧୀନତା ଦିବସ ଉପଲକ୍ଷେ ଡାବୁଗାଁ ବିଇଓ ଶିବ ଶଙ୍କର ମଣ୍ଡଳଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ ପ୍ରବନ୍ଧ, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଭୂତପୂର୍ବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ପ୍ରତିଯୋଗିତାରେ ୧୧୩ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ସ୍କୁଲ ଓ କଲେଜ ପିଲାଙ୍କୁ ନେଇ ଏହି ପ୍ରତିଯୋଗିତା କରାଯାଇଛି। କୃଷ୍ଣଚନ୍ଦ୍ର ପଣ୍ଡା, ବିକାଶ ରଞ୍ଜନ ନିଶଙ୍କ, ବନଲତା ମହାନ୍ତି, ବିଷ୍ଣୁପ୍ରିୟା ବେହେରା, ହେମେନ୍ଦ୍ର ନାଥ ବେହେରା, ଧନଞ୍ଜୟ ବଡ଼ଜେନା, ଅଜିତ ଷଡଙ୍ଗୀ, ବର୍ଷାରାଣୀ ରାଉତ, ଗୀତାଞ୍ଜଳି ନିହାଲ, ଗିରୀଶବାଳା ଜେନା ବିଚାରକ ଦାୟିତ୍ୱ ତୁଲାଇଥିଲେ। ହେମନ୍ତ ପଣ୍ଡା, ପୁଷ୍ପାଞ୍ଜଳି ମଣି ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କୃତି ପ୍ରତିଯୋଗୀ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଭାଗନେବେ। ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଭାଗବାନ ମାଝିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଇଓଙ୍କ ସମେତ, ଏବିଇଓ ସନ୍ତୋଷ ସାହୁ, ଦେବରାଜ ଗୋପାଳ ମଞ୍ଚାସୀନ ଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଗୁପ୍ତ ପ୍ରସାଦ ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଅତିଥି ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ପ୍ରକାଶ ପାଇଲା ଉପନିର୍ବାଚନ ଫଳାଫଳ

### ପ୍ରସାଦ ଗୌଡ଼ ନୂତନ ୱାର୍ଡମେମ୍ବର

ନନ୍ଦାହାଣ୍ଡି, ୧୧।୮ (ପ୍ରତୀପ କୁମାର ଦାଶ)

ନନ୍ଦାହାଣ୍ଡି ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ୧ ନମ୍ବର ୱାର୍ଡରେ ୱାର୍ଡ ମେମ୍ବର ଉପନିର୍ବାଚନ କରାଯାଇଥିଲା। ଏଥିରେ୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେମାନଙ୍କ ମଧ୍ୟରୁ ନିକିତି ଚିହ୍ନ ଥିବା ପ୍ରାର୍ଥୀ ପ୍ରସାଦ ଗୌଡ଼ ବିଜୟୀ ହୋଇଛନ୍ତି। ଶଗଡ଼ ଚିହ୍ନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ନିକଟତମ ପ୍ରତିଦ୍ୱନ୍ଦ୍ୱୀ କେଶବ ହରିଜନ ୮୮ ଖଣ୍ଡ ଭୋଟ ପାଇଛନ୍ତି। ଉଭୟଙ୍କ ପାଇଁ ମୋଟ ୩୨୩ ଭୋଟ ପଡ଼ିଥିବାବେଳେ ୨୫ ଭୋଟ ନାକଚ ହୋଇଥିଲା। ବିଜୟୀ ହେବା ପରେ ପ୍ରସାଦ ଗୌଡଙ୍କୁ ବିଧାୟକ ସଦାଶିବ ପ୍ରଧାନୀ, ବ୍ଲକ ଉପାଧ୍ୟକ୍ଷ ସଦନ ଗୌଡ, ଜୋନ୍-୨ ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଗତ ୯ ତାରିଖରେ ୱାର୍ଡ ମେମ୍ବର ପାଇଁ ଉପନିର୍ବାଚନ କରାଯାଇଥିଲା।



ନବ ନିର୍ବାଚିତ ୱାର୍ଡ ମେମ୍ବରଙ୍କୁ ବିଧାୟକ ଶୁଭେଚ୍ଛା ଜଣାଉଛନ୍ତି।

ଶୁକ୍ରବାର ସକାଳ ୮ଟାରେ ନନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟରେ ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ ଏବଂ ନନ୍ଦାହାଣ୍ଡି ତହସିଲଦାର ଡଃ ବନମାଳୀ ମେହେର, ଜିପିଇଓ ସଚ୍ଚିଦାନନ୍ଦ ତ୍ରିପାଠୀଙ୍କ ଉପସ୍ଥିତିରେ ଭୋଟ ଗଣତି କରାଯାଇଛି। ସୂଚନା ଯୋଗ୍ୟ ଯେ ପୂର୍ବରୁ ୱାର୍ଡ ମେମ୍ବର ଥିବା ଉମ୍ବରୁ ମାଳିଙ୍କର ୨ରୁ ଅଧିକ ପୁଅଝିଅ ଥିବାରୁ ତାଙ୍କ ବିରୋଧରେ ଅଭିଯୋଗ ହେବା ପରେ ଜିଲାପାଳ ତାଙ୍କୁ ଅଯୋଗ୍ୟ ଘୋଷଣା କରିଥିଲେ।

### ନବଘନ ସାନଆମ୍ବଡ଼ା ସରପଞ୍ଚ

କୋଷାଗୁମୁଡ଼ା, (ପ୍ରସାଦ ବିଷୋୟୀ)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ସାନଆମ୍ବଡ଼ା ପଞ୍ଚାୟତ ସରପଞ୍ଚଭାବେ ନବଘନ ପୂଜାରୀ ବିଜୟୀ ହୋଇଛନ୍ତି। ପୂର୍ବତନ ସରପଞ୍ଚ ଜୟଦୁ ପୂଜାରୀଙ୍କ ମୃତ୍ୟୁ ହୋଇ ଯାଇଥିବାରୁ ଏଠାରେ ଅଗଷ୍ଟ ୯ରେ ଉପନିର୍ବାଚନ କରାଯାଇଥିଲା। ନବଘନ ପୂଜାରୀ ଓ ତିରୁପତି ପୂଜାରୀ ପ୍ରାର୍ଥୀ ଥିଲେ। ଶୁକ୍ରବାର ବ୍ଲକ କାର୍ଯ୍ୟାଳୟରେ ଭୋଟ ଗଣତି କରାଯାଇଥିଲା। ମୋଟ ୩୨୩୧ ଭୋଟ ଗ୍ରହଣ ହୋଇଥିଲା। ସେଥିରୁ ତିରୁପିତ ପୂଜାରୀ ୧୨୬୧ ଖଣ୍ଡ ଭୋଟ ପାଇଥିବାବେଳେ ନବଘନ ପୂଜାରୀଙ୍କୁ ୧୮୫୪ ଖଣ୍ଡ ଭୋଟ ମିଳିଛି। ସେହିପରି ବିଏମ୍ ସେମଲା ପଞ୍ଚାୟତର ୭ ନଂ ୱାର୍ଡରେ ୨ଜଣ ୱାର୍ଡମେମ୍ବର ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ମନମତୀ ଭତ୍ରା ୧୩୯ ଖଣ୍ଡ ଭୋଟ୍ ପାଇ ଥିବାବେଳେ ତିଳତମା ଗୌଡ଼ ୨୨୭ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି।

### ୧୦୮ ଖଣ୍ଡ ଭୋଟରେ ଜିତିଲେ କମଲୁ

ରାଇଘର, (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଅଧୀନ ପରିଚିପାରା ପଞ୍ଚାୟତ ସମିତି ସଭ୍ୟ ଉପନିର୍ବାଚନରେ ଭାଜପା ସମର୍ଥିତ ପ୍ରାର୍ଥୀ କମଲ ଗଣ୍ଡ ବିଜୟୀ ହୋଇଛନ୍ତି। ସେ ୨୧୬୮ ଖଣ୍ଡ ଭୋଟ ପାଇଛନ୍ତି। ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ଗୌଦାସ ଗଣ୍ଡ ୨୦୬୦ ଓ ରାଜେନ୍ଦ୍ର ଗଣ୍ଡ ୨୦୦ ଭୋଟ ପାଇଥିଲେ। କମଲ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ୧୦୮ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ପ୍ରକାଶ ଯେ, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇଥିବା ସମିତି ସଭ୍ୟ ବହାଲୁ ଗଣ୍ଡ ଓଡ଼ିଶା ପୋଲିସରେ ଚାକିରି ପାଇବା ପରେ ପରିଚିପାରା ସମିତି ସଭ୍ୟ ଆସନ ଖାଲି ରହିଥିଲା। ଅଗଷ୍ଟ ୯ରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା।



କମଲୁଙ୍କ ବିଜୟ ପରେ ଭାଜପା କର୍ମୀମାନେ ଖୁସି ମନାଉଛନ୍ତି।

